# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଈ ପତ୍ରିକା

ସପ୍ତମ ସଂଖ୍ୟା, ୧ ଜାନୁଆରୀ ୨୦୨୩

link : https://epatrika.cspursahityasansad.com

2023

ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

**Mob : 9438621925 / 9937128547**

Email : epatrika.cspursahityasansad@gmail.com
Website: www.cspursahityasansad.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

## ଇ ପତ୍ରିକା

ସପ୍ତମ ସଂଖ୍ୟା
୦୧ ଜାନୁୟାରୀ ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com


ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ,
ଭୁବନେଶ୍ୱର
ତରଫରୁ ଆପଣମାନଙ୍କୁ
2023
ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ
ଚିହ୍ନ
ଆକାଶ
ମାନବୀ
ପତ୍ରିକା
NewtraCreations
7/13 -Type 'B' (Revised), Unit-9, Bhubaneswar-751022
https://www.cspursahityasansad.com/

## ସମ୍ପାଦକୀୟ



# ନୂଆବର୍ଷ ଓ ସଂସ୍କୃତି

ସ୍ୱାଗତମ୍ ନବବର୍ଷ ୨୦୨୩ । ଏହି ଅବସରରେ ମାସିକ 'ଇ-ପତ୍ରିକା'ର ସମସ୍ତ ବିଦଗ୍ଧ ପାଠକ/ପାଠିକା ଏବଂ ଏହାର ଶୁଭେଚ୍ଛା ପ୍ରଦାନକାରୀମାନଙ୍କୁ ନୂତନ ବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ନୂଆବର୍ଷର ପ୍ରଥମ ଦିନକୁ ଆମେ ଯେଉଁ ଢଙ୍ଗ ବା ପରିପାଟୀରେ ପାଳନ କରି ଆସୁଥିଲୁ ; ଗୁଣାତ୍ମକ ଭାବରେ ଏଥିରେ ପରିବର୍ତ୍ତନ ଆସିଛି । ଏହି ପରିବର୍ତ୍ତନକୁ କୁହାଯାଉଛି ନୂତନ ସଂସ୍କୃତି । ସାଧାରଣ ଜନତା ସଂସ୍କୃତି କହିଲେ ବୁଝନ୍ତି ନାଚ,ଗୀତ, ନାଟ୍ୟାଭିନୟ, ଯାତ୍ରା, ପାଲା ଆଦିର ପରିବେଷଣ । ଏସବୁ ଜନସାଧାରଣଙ୍କୁ ଆନନ୍ଦ ପ୍ରଦାନ କରିବା ସହତ ଏକ ମିଶ୍ର ପ୍ରତିକ୍ରିୟା ପାଇଁ ମଧ ପ୍ରରୋଚିତ କରିଥାଏ । କିନ୍ତୁ ସଂସ୍କୃତିର ଅର୍ଥ ଅତ୍ୟନ୍ତ ବ୍ୟାପକ, ବିସ୍ତୃତ, ବ୍ୟାପ୍ତ ଏବଂ ବହୁ କ୍ଷେତ୍ରରେ ଅବିନାଶୀ ମଧ । କାରଣ ସଂସ୍କୃତି ହେଉଛି ମଣିଷର ଜୀବନଚର୍ଯ୍ୟାର ଏକ ବିଶାଳତମ ପ୍ରେକ୍ଷାପଟ । ଏ ବାବଦ ରେ ଲେଖି ବସିଲେ ବହୁତ ବଡ଼ ହେବ । ସଂସ୍କୃତି ସମ୍ପର୍କରେ ଖଣ୍ଡିତ ଅବଧାରଣାକୁ ବହନ କଲେ ଏହାକୁ କୂପମଣ୍ଡୁକତା ବୋଲି କୁହାଯାଇ ପାରିବ । ଏଥିରେ ଆମ ସମାଜର କିଛି ସଂଖ୍ୟକ ଲୋକ ସଂସ୍କୃତି ଓ ଏହାର ପରିମଣ୍ଡଳ କୁ ନିୟନ୍ତ୍ରଣ କରିବାକୁ ସଚେଷ୍ଟା କରୁଛନ୍ତି । ଏହା ଫଳରେ ସଂସ୍କୃତି ମଧ ବହୁଧା ବିଭକ୍ତ ହୋଇଉଠିଛି । ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କ ସଂସ୍କୃତି ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ସଂସ୍କୃତି ମଧରେ ବିରାଟ ପାର୍ଥକ୍ୟ ଦେଖିବାକୁ ମିଳୁଛି । କିଛି ସଂଖ୍ୟକ ବ୍ୟକ୍ତି ଓ ଗୋଷ୍ଠୀମୁଖ୍ୟମାନଙ୍କର ଆଦର୍ଶ ହେଉଛି ସଂସ୍କୃତିକୁ ନିଜ ସ୍ୱାର୍ଥ ହାସଲ ପାଇଁ ବ୍ୟବହାର କରିବା । କିନ୍ତୁ ସଂସ୍କୃତି କେବେ ବି ଆଦର୍ଶହୀନ ହୋଇପାରିବ ନାହିଁ । ଏବେ ଦେଖା ଦେଉଛି ଡ୍ରଇଂ ରୁମ୍ ସଂସ୍କୃତି । ସଂସ୍କୃତିର ପୁନଃ ପ୍ରତିଷ୍ଠା ପାଇଁ ବହୁ ଅନୁଷ୍ଠାନ ଗଢ଼ି ଉଠିଥିଲେ ବି ଏଗୁଡ଼ିକ ମଧରୁ ସବୁ ସାଂସ୍କୃତିକବାନ୍ ବୋଲି କୁହାଯାଇ ପାରିବ ନାହିଁ ।

ଏହି ପ୍ରେକ୍ଷାପଟରେ ସଂସ୍କୃତିର ବିକୃତିକରଣ ଏବଂ ସାମ୍ପ୍ରଦାୟିକ ଭିନ୍ନତା ଯେପରି ଗଢ଼ି ନ ଉଠେ ସେ ଦିଗ ପ୍ରତି ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଏହା ହିଁ ନବବର୍ଷର ଅଙ୍ଗୀକାର ।

■■■

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୪ |
| | **ବ୍ୟାକରଣ ବିଭାଗ** | | |
| ୨. | ବିଶେଷ୍ୟ | ଡ. ଦେବାଶିଷ ମହାପାତ୍ର | ୦୮ |
| | **ଗଦ୍ୟ ବିଭାଗ** | | |
| ୩. | ଖୋଲା ଚିଠି | କବି ପ୍ରଭାକର | ୧୨ |
| ୪. | ପ୍ରସାଦ ବାଣ୍ଟିଣ ଖାଇବ | ଡା. ଘନଶ୍ୟାମ ଜୈନ | ୧୫ |
| ୫. | ରହସ୍ୟମୟ ଦୀପ | ମୀନୁ ହୋତା | ୧୭ |
| ୬. | ଟିପା ଖାତା | ଆଶୁତୋଷ ଧଳ | ୧୯ |
| ୭. | ପଛପଟର ମଣିଷ | ଶଶାଙ୍କ ଶେଖର ମିଶ୍ର | ୨୨ |
| ୮. | ଭୁଲା ମଣିଷ | ମନୋରମା ମିଶ୍ର | ୨୩ |
| ୯. | ଅମଲି ନାନୀ | ଅଞ୍ଜଳି ଆଚାର୍ଯ୍ୟ | ୨୪ |
| ୧୦. | ଅନୁତାପ | ଶ୍ରୀମତୀ ସୁମନିକା ମିଶ୍ର | ୨୭ |
| ୧୧. | ନୂଆବର୍ଷ - ଦୁଇଟି ଅଣୁଗଳ୍ପ | ବିନୋଦିନୀ ଗଉଡ଼ | ୨୮ |
| ୧୨. | ତା'ପରେ... | ପ୍ରଜ୍ଞା ମହାନ୍ତି | ୨୯ |
| ୧୩. | ନମସ୍କାର ର ମହତ୍ତ୍ୱ | ପୁଷ୍ପଲତା ମିଶ୍ର | ୩୧ |
| | **ପଦ୍ୟ ବିଭାଗ** | | |
| ୧୪. | ଆସ ହେ ! ନୂଆ ବରଷ | ସ୍ୱର୍ଣ୍ଣଲତା ମହାପାତ୍ର | ୩୫ |
| ୧୫. | ସ୍ୱାଗତ ନବବର୍ଷ | ଶୁଭଶ୍ରୀ ସିଂ | ୩୬ |
| ୧୬. | କ୍ୟାଲେଣ୍ଡର | ଗୀତା ମିଶ୍ର | ୩୭ |
| ୧୭. | ସମ୍ଭାବନା | ଗୀତା ପଟ୍ଟନାୟକ | ୩୮ |
| ୧୮. | ସ୍ୱାଗତ ନବବର୍ଷ | ନିକୁଞ୍ଜ କୁମାର ଘୋଷ | ୩୯ |
| ୧୯. | ଆମେ ଇତିହାସ | ଯଶୋବନ୍ତ ସେଠୀ | ୪୦ |
| ୨୦. | ଅଭିମାନୀ ପ୍ରିୟା | ବିଦ୍ୟାଧର ଗୁରୁ | ୪୧ |
| ୨୧. | କବି ପ୍ରିୟା | ବସନ୍ତ ମାଝୀ | ୪୨ |
| ୨୨. | ପ୍ରତିଶ୍ରୁତି | ପ୍ରଫେସର ବୀଣାପାଣି ତ୍ରିପାଠୀ | ୪୩ |
| ୨୩. | ଝୁରୁଛି ବି ପ୍ରଜାପତି | ବିପିନ୍ ମହାନ୍ତି | ୪୪ |
| ୨୪. | ଶୁଭ ଲଗ୍ନ | ସରୋଜ କୁମାର ଶତପଥୀ | ୪୫ |
| ୨୫. | ଶୀତୁଆ ସଂଜ | ମୋହନ ମଜାଠୀଆ | ୪୬ |
| ୨୬. | ଏମାନଙ୍କ ଜୀବନ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୪୭ |
| ୨୭. | ସ୍ୱର | ଯୋଗେଶ ମିଶ୍ର | ୪୮ |
| ୨୮. | ତୁମ ହାତେ ଗଢ଼ା ବିଶାଳ ସଂସାର | ସିଦ୍ଧାର୍ଥ କୁମାର ମହାପାତ୍ର | ୪୯ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୯. | ମାଗୁଣି | ବିରଞ୍ଚି ମିଶ୍ର | ୫୦ |
| ୩୦. | ଅନ୍ତର୍ଦାହ | ଯଜ୍ଞଦତ୍ତ ସାମନ୍ତରାୟ | ୫୧ |
| ୩୧. | ସୃଷ୍ଟି ଓ ସ୍ରଷ୍ଟା | ତରୁଣବାଳା ମହାପାତ୍ର | ୫୨ |
| ୩୨. | ମଧୁମୟ ସଂସାର | ଶମ୍ଭୁନାଥ ରାଉଳ | ୫୩ |
| ୩୩. | ଜୀବନକୁ ନୂଆ କରି ଜିଇଁ ହୁଅନ୍ତା ନି ? | ଅଧ୍ୟାପକ ଅଜୟ ପଟ୍ଟନାୟକ | ୫୪ |
| ୩୪. | ଚିତ୍ରିତ ଛବି | ଡ. ପ୍ରବୀଣା ପରିଡ଼ା | ୫୫ |
| ୩୫. | କୋଣାର୍କ | କ୍ଷଣପ୍ରଭା ମହାନ୍ତି | ୫୬ |
| ୩୬. | ଅଭୁଲା ମୁହୂର୍ତ୍ତ | ବୀରେଶ୍ୱର ମହାନ୍ତି | ୫୭ |
| ୩୭. | ଧିରେ ଧିରେ ଚାଲ୍ ଗୋରୀ | ପ୍ରମୋଦ କୁମାର ମହାପାତ୍ର | ୫୮ |
| ୩୮. | ଇଚ୍ଛା ହୁଏ | ନିହାରୀକା ରାୟ ବରାଳ | ୫୯ |
| ୩୯. | ନୂଆଁ ବଛର୍ (କୋଶ୍‌ଲୀ କବିତା) | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୬୦ |
| ୪୦. | ଭାବ୍ (କୋଶ୍‌ଲୀ କବିତା) | ଅଳକା ଦାଶ୍ | ୬୧ |
| ୪୧. | ଘଡ଼ିର୍ କଁଟା (କୋଶ୍‌ଲୀ କବିତା) | ନୀରଜ ଦାଶ ଶର୍ମା | ୬୨ |
| ୪୨. | ପାଷାଣର ପିପାସା | ମାନଗୋବିନ୍ଦ ବାରିକ | ୬୩ |
| ୪୩. | ଦିଗହରା ପଥିକ | ଡ. ପ୍ରିୟମ୍ବଦା ସାମଲ | ୬୪ |
| ୪୪. | ତୁ ମୋର | ଡ. ରଶ୍ମି କର | ୬୫ |
| ୪୫. | କିଏ ଦେବ ତା'ର ମୂଲ | ଶ୍ରୀମତୀ ଅନୁସୂତା ସିଂ ଦେଓ | ୬୬ |
| ୪୬. | ହଜିଲା ଅତୀତ | କବିତା ନାୟକ | ୬୭ |
| ୪୭. | ମୋତ | ଜାହ୍ନବୀ ଚୌଧୁରୀ | ୬୮ |
| ୪୮. | ଜୀବନ ଯୁଦ୍ଧରେ ମୁଁ ଅର୍ଜୁନ | ରୀତା ଅପରାଜିତା ମହାନ୍ତି | ୬୯ |
| ୪୯. | ମୋ ମାଆ | ପ୍ରଭାତୀ କୁମାରୀ ମିଶ୍ର | ୭୦ |
| ୫୦. | ସ୍ୱପ୍ନ ହେ ତୁମେ | ଅନସୂୟା ବାରିକ | ୭୧ |
| ୫୧. | ଇ - ପତ୍ରିକା ର ଡିସେମ୍ବର ସଂଖ୍ୟା ର କିଛି ସ୍ମୃତି | | ୭୨ |




# ବ୍ୟାକରଣ ବିଭାଗ



# ବିଶେଷ୍ୟ



ଡ. ଦେବାଶିଷ ମହାପାତ୍ର

ବିଶେଷ୍ୟର ଅର୍ଥ ନାମ । ଏହା ନାମବାଚକ ଶବ୍ଦ । ବ୍ୟକ୍ତି-ବସ୍ତୁ ଆଦିର ସଂଜ୍ଞା ନିର୍ଦ୍ଦେଶକ ପଦ ଅର୍ଥରେ ବିଶେଷ୍ୟକୁ ବ୍ୟବହାର କରାଯାଏ । 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ରେ କୁହାଯାଇଛି- "ଯେଉଁ ପଦ ଦ୍ୱାରା କୌଣସି ବ୍ୟକ୍ତି ବା ବସ୍ତୁର ବା ସ୍ଥାନର ବୋଧ ଜନ୍ମେ ଏବଂ ବସ୍ତୁ, ବ୍ୟକ୍ତି, ଜାତି, ଗୁଣ ଓ କ୍ରିୟା ଭେଦରେ ବିଶେଷ୍ୟ ପାଂପ୍ରକାର" (ପଞ୍ଚମ ଖଣ୍ଡ, ପୃ. ୫୭୪୬)

ବାକ୍ୟରେ ବିଶେଷ୍ୟ ପଦ କାରକ ସଂପର୍କିତ ସ୍ଥାନରେ ବ୍ୟବହାର କରାଯାଏ ଏବଂ ତାହା କାରକ ସୂଚଉଥିବା ବିଭକ୍ତିଗୁଡ଼ିକ ଦ୍ୱାରା ଯୋଗ କରାଯାଏ । ଯେଉଁ ବିଶେଷ୍ୟପଦ କୌଣସି ବ୍ୟକ୍ତି, ସ୍ଥାନ, ନଦୀ, ପାହାଡ଼, ଦେଶ ଆଦିର ନାମକୁ ବୁଝାଇଥାଏ, ତାହା ବ୍ୟକ୍ତିବାଚକ ବିଶେଷ୍ୟ । ଯେଉଁ ବିଶେଷ୍ୟ ପଦ କୌଣସି ଜାତି ବା ଶ୍ରେଣୀକୁ ବୁଝାଇଥାଏ । ତାହା ଜାତିବାଚକ ବିଶେଷ୍ୟ । ସେହିଭଳି ଯେଉଁ ବିଶେଷ୍ୟପଦ କୌଣସି ବସ୍ତୁ ବା ପଦାର୍ଥର ନାମକୁ ବୁଝାଇଥାଏ, ତାହା ବସ୍ତୁବାଚକ ବିଶେଷ୍ୟ । ଯେଉଁ ବିଶେଷ୍ୟପଦ କୌଣସି ଗୁଣ ବା ଅବସ୍ଥାକୁ ବୁଝାଇ ଥାଏ ତାହା ଗୁଣବାଚକ ବିଶେଷ୍ୟ ଏବଂ ଯେଉଁ ବିଶେଷ୍ୟପଦ କୌଣସି କ୍ରିୟାର ନାମକୁ ବୁଝାଇଥାଏ, ତାହା କ୍ରିୟାବାଚକ ବିଶେଷ୍ୟ ।

ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ - ଆଶୁତୋଷ, ଭାଗବତ, ଗୋଦାବରୀ, ବରୁଣେଇ, ରାମକୃଷ୍ଣ, ଗୋଦାବରୀଶ, ଦେବଶ୍ରୀ, ଆକାଂକ୍ଷା, ରଂଜନା, ଗଙ୍ଗା, ଭୂମଧ୍ୟ ସାଗର, ମହାତ୍ମାଗାନ୍ଧି, ଦାମୋଦର, ହରି, ରାମ, ସଂଜୟ ସୂର୍ଯ୍ୟ, ସୌମ୍ୟା, ରବୀନ୍ଦ୍ର, ସୁଭାଗିନୀ, ଦୀପ୍ତି, କାଳିଦାସ, ଅଶୋକ, ଖାରବେଳ, ରଘୁନାଥ, ରେବତୀ ।

ଜାତିବାଚକ ବିଶେଷ୍ୟ - ଯୁବକ, ଯୁବତୀ, ମଣିଷ, ପରିବା, ମରୁଭୂମି, ନଦୀ, ହ୍ରଦ, ଗାଈ, ସହର, ପୁରୁଷ, ନାରୀ, ବିଦ୍ୟାର୍ଥୀ, ବହି, ଫୁଲ, ପାହାଡ଼, ମନ୍ଦିର, ଛାତ୍ର, ଛାତ୍ରୀ, ବିଦ୍ୟାଳୟ, ଖେଳାଳି, ମାଛ, ଡାଳି, ନାଚ, ସାଗର, ଜଙ୍ଗଲ, ସରୀସୃପ, କାଟ, ଗାଁ, ସହର ।
ବସ୍ତୁବାଚକ ବିଶେଷ୍ୟ- ଚାଉଳ, ଲୁଣ, ମାଟି, ଗହମ, ସୁନା, ରୁପା, ତମ୍ବା, କଂସା, କ୍ଷୀର, ତେଲ, ଡିଜେଲ, ପେଟ୍ରୋଲ, କାଠ, ପଥର, କାଗଜ, ବାଲି, କୋଇଲା, କାଚ, ଚିନି, କଲମ, କାଳି ।

ଗୁଣବାଚକ ବିଶେଷ୍ୟ- ଶ୍ରଦ୍ଧା, ସାଧୁତା, ଦୈନ୍ୟ, କପଟତା, ସୌନ୍ଦର୍ଯ୍ୟ, ଉତ୍ସାହ, ପାଣ୍ଡିତ୍ୟ, ଧୈର୍ଯ୍ୟ, ନମ୍ରତା, ସହାନୁଭୂତି, ପ୍ରେମ, ସ୍ନେହ, ନିଷ୍ଠୁରତା, ଦାରିଦ୍ର୍ୟ, ଭୀରୁତା, ଅସୁସ୍ଥତା, କ୍ଷମା, କ୍ରୋଧ, ଅହଙ୍କାର, ସରଳତା, ସେବା, ଶୈଶବ, ବନ୍ଧୁତା, ଭକ୍ତି, ଗର୍ବ ।
କ୍ରିୟାବାଚକ ବିଶେଷ୍ୟ - ଖାଇବା, ଶୋଇବା, ଚାଲିବା, ଚରିବା, ଭୋଜନ, ଶୟନ, ପଠନ, ଖନନ, ଦର୍ଶନ, ଲିଖନ, ଯିବା, ପଢ଼ିବା, ଲେଖିବା, ଦେବା, ଭ୍ରମଣ, ବିଶ୍ରାମ, ପ୍ରାପ୍ତି, ମୁକ୍ତି, ମାଜଣା, ବନ୍ଦାଣ, ଧାଇଁବା, ଭସାଣି, ମିଶାଣ, ରାନ୍ଧଣା, ପାନ, ଖାଇବା, ପିଇବା, ପହଁରିବା ।

କ) ବ୍ୟକ୍ତିବାଚକ ବା ସଂଜ୍ଞାବାଚକ

କୌଣସି ନିର୍ଦ୍ଦିଷ୍ଟ ନାମ ବା ସଂଜ୍ଞା ପ୍ରକାଶ କରୁଥିବା ପଦକୁ ଆମେ ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ କହିପାରିବା । ଏହି ଶ୍ରେଣୀର ବିଶେଷ୍ୟ ନିର୍ଦ୍ଦିଷ୍ଟ ବ୍ୟକ୍ତି, ଦେଶ, ସହର, ସ୍ଥାନ, ପ୍ରଦେଶ, ପଶୁ, ପକ୍ଷୀ, ଫୁଲ, ଫଳ, ପରିବା, ନଦୀ, ହ୍ରଦ, ସମୁଦ୍ରକୁ ବୁଝାଇଥାଏ । ଯେମିତିକି -

| | | |
|---|---|---|
| ବ୍ୟକ୍ତି | - | ଆଦ୍ୟା, ଆୟୁଷ୍ମାନ, ରମେଶ, ଆଶିଷ, ଗୋପବନ୍ଧୁ, ମଧୁସୂଦନ, ଲିଲି, ମୋହନ, ବିନୋଦ, ସଂଜୟ । |
| ଦେଶ | - | ଭାରତ, ଆମେରିକା, ଭୁଟାନ, ନେପାଳ, ଇଜିପ୍ଟ, ସୁଦାନ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ଫ୍ରାନ୍ସ, ମେକ୍ସିକୋ । |
| ସହର | - | ନୂଆଦିଲ୍ଲୀ, କାଠମାଣ୍ଡୁ, ୱାଶିଂଟନ, କାଇରୋ, ତ୍ରିପୋଲି, କଲମ୍ବୋ, ପ୍ୟାରିସ୍, ଲଣ୍ଡନ, ମସ୍କୋ, ମୁମ୍ବାଇ । |
| ସ୍ଥାନ | - | ପୁରୀ, କୋଣାର୍କ, ଖଜୁରାହୋ, ମଥୁରା, ବନାରସ, ବରଗଡ଼, ସମ୍ବଲପୁର,ଭବାନୀପାଟଣା,ତାଳଚେର, କାଶୀ । |

ପ୍ରଦେଶ - ଓଡ଼ିଶା,ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ତାମିଲନାଡୁ ।
ପଶୁ - ବାଘ, ଭାଲୁ, ହାତୀ, ହରିଣ, ଗାଈ, ବିଲେଇ, କୁକୁର, ବିଲୁଆ, ସିଂହ, ଗୟଳ।
ପକ୍ଷୀ - କାଉ, କୋଇଲି, ଶୁଆ, ପାରା, ବଗ, ଘରଚଟିଆ, ମୟୂର, ପେଚା, ହଂସ, ବଣି।
ଫୁଲ - ଟଗର, ଗୋଲାପ, ମନ୍ଦାର, କନିଅର, ତମାଳ, ଜୁଇ, ତରାଟ, ସୁଗନ୍ଧରାଜ, ଗେଣ୍ଡୁ, ମଲ୍ଲୀ ।
ଫଳ - ଅଙ୍ଗୁର, କଦଳୀ, ସେଓ, ତରଭୁଜ, ନଡ଼ିଆ, ଆମ୍ବ, ସପୁରି, ଖଜୁରି, ପଣସ, ଡାଳିମ୍ବ ।

ଏସବୁ ଉଦାହରଣରୁ ସ୍ପଷ୍ଟ ହୁଏ ଯେ, ନିର୍ଦ୍ଦିଷ୍ଟ ନାମ ବା ସଂଜ୍ଞା ପ୍ରକାଶ କରୁଥିବା ପଦ ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ ପଦବାଚ୍ୟ ।

ଖ) ଜାତିବାଚକ ବିଶେଷ୍ୟ:

ଯେଉଁପଦ କୌଣସି ନିର୍ଦ୍ଦିଷ୍ଟ ନାମ ବା ସଂଜ୍ଞା ପ୍ରକାଶ ନ କରି ଗୋଟିଏ ଗୋଷ୍ଠୀ, ଦଳ, ଶ୍ରେଣୀ, ଜାତି ବା ବିଭାଗକୁ ବୁଝାଇଥାଏ ତାହା ଜାତିବାଚକ ବିଶେଷ୍ୟ। ଆମେ ମଣିଷ କହିଲେ ମଣିଷ ଜାତିକୁ ଯେମିତି ବୁଝୁ ସେମିତି ଦେଶ, ପାହାଡ଼, ପଶୁ, ପକ୍ଷୀ, ଫୁଲ, ଫଳ, ପରିବା, ସହର, ବହି, ଭାଷା ଇତ୍ୟାଦିକୁ ଆମେ ସମୂହ ବା ଶ୍ରେଣୀ ଭାବେ ନେଇଥାଉ । ଏସବୁ ଜାତିବାଚକ ବିଶେଷ୍ୟର ଉଦାହରଣ । ଜାତିବାଚକ ଓ ବ୍ୟକ୍ତିବାଚକ ମଧ୍ୟରେ ପାର୍ଥକ୍ୟ ବୁଝିବାପାଇଁ ଆଉ କେତୋଟି ଉଦାହରଣ ବୁଝାଇ କହିବା-

ଜାତିବାଚକ ବିଶେଷ୍ୟ ବ୍ୟକ୍ତିବାଚକବିଶେଷ୍ୟ ଦେଶ ଭାରତ

ପାହାଡ଼ ହିମାଳୟ
ପଶୁ ବାଘ
ପକ୍ଷୀ ମୟୂର
ଫୁଲ ପଦ୍ମ
ଫଳ କମଳା
ପରିବା ଆଳୁ
ସହର ସମ୍ବଲପୁର
ବହି ନୀଳଶୈଳ
ଭାଷା ଓଡ଼ିଆ

କେତୋଟି ବାକ୍ୟରୁ ମଧ୍ୟ ଆମେ ଉଭୟ ମଧ୍ୟରେ ଥିବା ସମ୍ପର୍କ ଓ ପ୍ରଭେଦକୁ ବୁଝିପାରିବା।

କ) ଭାରତ ଗୋଟିଏ ବହୁଭାଷୀ ଦେଶ ।
ଖ) ପଦ୍ମ ଆମର ଜାତୀୟ ଫୁଲ ।
ଗ) ଓଡ଼ିଆ ଭାରତର ଷଷ୍ଠ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା ।
ଘ) ସମ୍ବଲପୁର ଓଡ଼ିଶାର ସୁନ୍ଦର ସହର ।
ଙ) ଏଭରେଷ୍ଟ ପୃଥିବୀର ଉଚ୍ଚତମ ପର୍ବତ ।

ଗ) ବସ୍ତୁବାଚକ ବିଶେଷ୍ୟ :

ବସ୍ତୁର ନାମ ପ୍ରକାଶ କରୁଥିବା ବିଶେଷ୍ୟ ପଦକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଏ। ଯେମିତିକି- କାଠ, ପଥର, ସୁନା, ରୁପା, ଲୁହା, କାଗଜ, ଚିନି, ଗୁଡ଼, ପେଟ୍ରୋଲ ଇତ୍ୟାଦି। ବସ୍ତୁ ବା ସାମଗ୍ରୀ ସୂଚକ ଏହିସବୁ ବିଶେଷ୍ୟ ପଦକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଇଥାଏ। କେତୋଟି ବାକ୍ୟରୁ ଆମେ ବସ୍ତୁବାଚକ ବିଶେଷ୍ୟକୁ ଆଉଟିକେ ଭଲରେ ବୁଝିପାରିବା -

କ) ଆଗକାଳରେ କାଠ କଲମ ବ୍ୟବହାର ହେଉଥିଲା ।
ଖ) ପେଟ୍ରୋଲ ଦର ଦିନକୁ ଦିନ ବଢ଼ିଚାଲିଛି ।
ଗ) ଆଖୁରୁ ଚିନି ତିଆରି ହୁଏ ।
ଘ) ପର୍ବପର୍ବାଣିରେ ସୁନା ଦୋକାନରେ ଭିଡ଼ ଜମେ ।
ଘ) ଗୁଡ଼ ଦେହପାଇଁ ସ୍ୱାସ୍ଥ୍ୟକର ।

ଘ) ଗୁଣବାଚକ ବିଶେଷ୍ୟ: କୌଣସି ନିର୍ଦ୍ଦିଷ୍ଟ ଗୁଣର ନାମ ବା ଅବସ୍ଥାକୁ ବୁଝାଉଥିବା ବିଶେଷ୍ୟ ପଦକୁ ଗୁଣବାଚକ ବିଶେଷ କୁହାଯାଏ । ଯେମିତିକି- ସରଳତା ଶୈଶବ
ମମତା । କୈଶୋର ।

ଗୁଣବାଚକ ବିଶେଷ୍ୟର ଆଉ କେତୋଟି ଉଦାହରଣ- ଉଦାରତା, ସହିଷ୍ଣୁତା, ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ସତ୍ୟ, ଦୟା, କ୍ଷମା, ଭକ୍ତି, ସାହସ, କ୍ରୋଧ, ପାଣ୍ଡିତ୍ୟ, ସେବା ଇତ୍ୟାଦି । ଆମେ କେତୋଟି ବାକ୍ୟରେ ବି ଗୁଣବାଚକ ବିଶେଷ୍ୟକୁ ବୁଝିପାରିବା –

କ) ଧୈର୍ଯ୍ୟର ଫଳ ସବୁବେଳେ ମିଠା ।
ଖ) ତାଙ୍କ ଭକ୍ତିର ତୁଳନା ନାହିଁ ।
ଗ) ସେ ନିଜର ସାଧୁତା ଓ ସରଳତା ପାଇଁ ସମ୍ବର୍ଦ୍ଧିତ ହେଲେ ।
ଘ) ମଦର ଟେରେସାଙ୍କୁ ସେବା ଓ ମମତାର ପ୍ରତିମୂର୍ତ୍ତି କୁହାଯାଏ ।
ଙ) କ୍ଷମାଠାରୁ ବଳି ବଡ଼ ଗୁଣ ନାହିଁ ।

ଧୈର୍ଯ୍ୟ, ଭକ୍ତି, ସାଧୁତା, ସରଳତା, ସେବା, ମମତା, ଓ କ୍ଷମତା ଇତ୍ୟାଦି ରେଖାଙ୍କିତ ଶବ୍ଦଗୁଡ଼ିକ ଗୁଣବାଚକ ବିଶେଷ୍ୟର ଦୃଷ୍ଟାନ୍ତ । ଏଥିରୁ ଆମେ ବୁଝିବା ଯେ, ନିର୍ଦ୍ଦିଷ୍ଟ ଗୁଣ ବା ଅବସ୍ଥା ସୂଚାଉଥିବା ବିଶେଷ୍ୟ ପଦସବୁ ଗୁଣବାଚକ ବିଶେଷ୍ୟ ପଦବାଚ୍ୟ ।

ଓଡ଼ିଆ ଶବ୍ଦ ରୂପତାତ୍ତ୍ୱିକ (ଗକ୍କବକ୍କ୍ରଷକ୍କକ୍ଷକ୍କଶସମବକ୍ଷ) ଓ ବାକ୍ୟତାତ୍ତ୍ୱିକ (ଝଢଭଷ୍ବବମଷ୍ବସମ) ଆଧାରରେ ଏମିତି ବିଭକ୍ତ କରାଯାଇପାରେ- କ) ବିଶେଷ୍ୟ, ସର୍ବନାମ, ବିଶେଷଣ, ଖ) କ୍ରିୟା, ଗ) କ୍ରିୟାବିଶେଷଣ ଓ ଅବ୍ୟୟ ଇତ୍ୟାଦି । ବାକ୍ୟର ଦୁଇ ପ୍ରଧାନ ଭାଗ କର୍ତ୍ତାଭାଗ ଓ କ୍ରିୟାଭାଗ ମଧ୍ୟରେ ବିଶେଷ୍ୟ, ବିଶେଷଣ, ଓ ସର୍ବନାମ କର୍ତ୍ତା ଭାଗର ଅନ୍ତର୍ଭୁକ୍ତ ଏବଂ ବିଶେଷ୍ୟପଦର ଅଂଶବିଶେଷ । ବିଶେଷ୍ୟପଦର ଅଂଶବିଶେଷ ଭାବରେ ଏଗୁଡ଼ିକ ସହିତ ବଚନ, ଲିଙ୍ଗ ଓ କାରକ ଯୁକ୍ତ ହୋଇଥାନ୍ତି । ଓଡ଼ିଆରେ ବଚନ ଦୁଇପ୍ରକାରର – ଏକବଚନ ଓ ବହୁବଚନ । ବିଶେଷ୍ୟ ପଦ ସହ ଏକବଚନ ଓ ବହୁବଚନ ପ୍ରତ୍ୟୟଗୁଡ଼ିକ ଯୁକ୍ତ ହୋଇଥାନ୍ତି । ପ୍ରୟୋଗ ଅନୁସାରେ ଓଡ଼ିଆ ବିଶେଷ୍ୟ ଶବ୍ଦ ଶ୍ରେଣୀକୁ ନାମବାଚକ ଓ ସାଧାରଣ ବାଚକ କୁହାଯାଏ । ଦୁଇରୁ ଅଧିକ ମୁକ୍ତରୂପ ତଥା ଅର୍ଥପୂର୍ଣ୍ଣ ଶବ୍ଦ ଯୋଗ କରାଯାଇ ଯୌଗିକ ବିଶେଷ୍ୟ ହୋଇଥାଏ । ଯୌଗିକ ବିଶେଷ୍ୟଗୁଡ଼ିକ ବାକ୍ୟଗଠନ ଆଧାରରେ ବିଶେଷ୍ୟ ପଦର ଅନ୍ତର୍ଭୁକ୍ତ । ଉଦାହରଣ- ଖରା+ଦିନ+ତାତି= ଖରାଦିନ ତାତି, ବର୍ଷା+ଦିନିଆ+ସକାଳ= ବର୍ଷାଦିନିଆ ସକାଳ। ବିଭିନ୍ନ କ୍ରିୟା, ବିଶେଷଣ ଓ ଅନ୍ୟ ବିଶେଷ୍ୟ ସହିତ ପ୍ରତ୍ୟୟ ଯୋଡ଼ି ନୂଆ ବିଶେଷ ଗଢ଼ାଯାଇପାରେ । ବିଶେଷ୍ୟ ସହିତ ବିଶେଷ୍ୟ ଯୋଗକରି ଯୁଗ୍ମ ବିଶେଷ୍ୟ ଓ ଯୌଗିକ ବିଶେଷ୍ୟ ଗଠନ ହୋଇଥାଏ। ଯୁଗ୍ମ ଓ ଯୌଗିକ ବିଶେଷ୍ୟଗୁଡ଼ିକ ବାକ୍ୟଗଠନ ଆଧାରରେ ବିଶେଷ୍ୟପଦର ଅଂଶବିଶେଷ। ଯୁଗ୍ମ ଓ ଯୌଗିକ ବିଶେଷ୍ୟ ଗୁଡ଼ିକରେ ବିଶେଷ୍ୟ, ବିଶେଷଣ ଓ କ୍ରିୟା ଶବ୍ଦଗୁଡ଼ିକ ଅଂଶଗ୍ରହଣ କରିଥାନ୍ତି । ଓଡ଼ିଆ ଯୁଗ୍ମ ଓ ଯୌଗିକ ବିଶେଷ୍ୟ ସହ ବଚନ, କାରକ ଓ ବିଭକ୍ତି ପ୍ରତ୍ୟୟ ଯୁକ୍ତ ହେଇପାରେ । ଓଡ଼ିଆରେ ବ୍ୟବହାର ହେଉଥିବା ବିଶେଷ୍ୟ ଶବ୍ଦ ଶ୍ରେଣୀକୁ ଅ, ଆ, ଇ, ଉ ସ୍ୱରାନ୍ତ ଭାବେ ଶ୍ରେଣୀ ବିଭାଗ କରାଯାଏ । ଉଦାହରଣ- ଅ ସ୍ୱରାନ୍ତ-କନକ, କିଶୋର (ନାମ), ବଗ, ମାଛ (ପଶୁପକ୍ଷୀକୀଟ), ଗଛ, ଘର (ଅପ୍ରାଣୀବାଚକ) ଇତ୍ୟାଦି । ସେହିଭଳି ଆ ସ୍ୱରାନ୍ତ , ଇ ସ୍ୱରାନ୍ତ ଓ ଉ ସ୍ୱରାନ୍ତରେ ଆମେ ବିଭିନ୍ନ ନାମ, ବିଭିନ୍ନ ପ୍ରାଣୀ (ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ ପ୍ରଭୃତି) ଓ ଅପ୍ରାଣୀବାଚକ ଶବ୍ଦ, ବିଭିନ୍ନ ସଂପର୍କ ସଂପର୍କିତ ଶବ୍ଦ, ଗୁଣ, ଅନୁଭବ ବର୍ଣ୍ଣିତ ଶବ୍ଦଗୁଡ଼ିକୁ ଦେଖିଥାଉ।

ଓଲ୍ଡ ଟାଉନ୍ , ଭୁବନେଶ୍ୱର



# ଗଦ୍ୟ ବିଭାଗ



## ଆଲୋଚନା



# ଖୋଲା ଚିଠି

**ବ୍ୟାଜସ୍ତୁତି ଅଳଙ୍କାର**

**ଉପସ୍ଥାପନା : କବି ପ୍ରଭାକର**

ଅଧୁନା ଖବରକାଗଜରେ ବେଳେବେଳେ 'ମୁଖ୍ୟମନ୍ତ୍ରୀଙ୍କୁ ଖୋଲାଚିଠି' 'ପ୍ରଧାନମନ୍ତ୍ରୀଙ୍କୁ ଖୋଲାଚିଠି' ଇତ୍ୟାଦି ଅମୁକକୁ ସମୁକକୁ ଖୋଲାଚିଠି ଦେଖିବାକୁ ମିଳେ । ଏହି ଖୋଲା ଚିଠିଗୁଡ଼ିକ ସାଧାରଣତଃ ଯାହା ଉଦ୍ଦେଶ୍ୟରେ ଲେଖାଯାଇଥାଏ ସମାଜର ଦ୍ବାହିଦେଇ ତାହାର ବଦନାମ କରିବା ପାଇଁ ଲେଖାଯାଇଥାଏ । ନ ହେଲେ ଚିଠି ତ ସର୍ବଦା ଗୋପନୀୟ ହୋଇଥାଏ । ଖୋଲାଚିଠିର ମର୍ମ ଯାହା ଉଦ୍ଦେଶ୍ୟରେ ଲେଖାଯାଇଥାଏ କେବଳ ସିଏ ନୁହଁ ; ଜନଜଗତ ଜାଣନ୍ତି ।

ଭଞ୍ଜ ଆଦି କତିପୟ କବିଙ୍କୁ ବାଦଦେଲେ ପୂର୍ବେ କବିମାନେ ଆର୍ଥିକ ଅନଟନରୁ ତ୍ରାହି ପାଇଁ ରାଜାମାନଙ୍କ ନିକଟରେ ନିଜ ପ୍ରତିଭାର ସେବା ଦେଇ ତାଙ୍କ ପ୍ରଶସ୍ତି ଗାନ କରୁଥିଲେ । କିନ୍ତୁ ଯଦୁମଣିଙ୍କ ପରି କବି ରାଜାଙ୍କ ପାଖରେ ଥାଇ ରାଜାଙ୍କର ଦୋଷଦୁର୍ବଳତାକୁ ବ୍ୟଙ୍ଗ କରିବାରେ ବି ଧୁରନ୍ଧର ଥିଲେ । ନିଜର ଆର୍ଥିକ ଅନଟନର ଦୁଃଖକୁ ଜଣାଇବାକୁ ଯାଇ ଯେଉଁ କବିତା ରଚନା କରୁଥିଲେ; ତାହା ଏ ଖୋଲାଚିଠିର ପର୍ଯ୍ୟାୟବାଚୀ । ବ୍ୟକ୍ତିଗତ କଥା ରାଜାଙ୍କୁ ଜଣାଇଲେ ବି କବିତାରୁ ସମସ୍ତେ ରାଜାଙ୍କର ଦୋଷଦୁର୍ବଳତା ଅବିବେକିତା ଓ କବିଙ୍କ ପ୍ରତି ଅବହେଳନାକୁ ଜାଣି ପାରୁଥିଲେ । ରାଜାଙ୍କଠାରୁ ଫସଲ ହଉନଥିବା ଢିପଜମି ପାଇଥିଲା ବେଳେ ଖଜଣା ଆଦାୟକାରୀଙ୍କ ଦୌରାତ୍ମ୍ୟକୁ ଯଦୁମଣି ରାଜାଙ୍କ ଆଗେ ପ୍ରକାଶ କରିଛନ୍ତି -

ଜମିର ଆକାର ଅଟଇ ଡମ୍ବୁ..
ତହିଁ ନ ରହଇ ଟୋପାଏ ଅମ୍ବୁ ..
ଚାରିପାଖ ବିଲ ଶକତି ଆକାର
ମୋ ବିଲ ଖଣ୍ଡିକ ଅଟଇ ଶମ୍ଭୁ ॥
x x x x
ଘରେ ନାହିଁ କିଛି
ବୁଢ଼ୀ ହୋଇନାହିଁ ମାଇପ ଅଛି ॥

ଯଦୁମଣି କହିଲେ - ହେ ରାଜା.. ଯାହା ତ ଜମି ଦେଇଚ ତାହା ଶିବଲିଙ୍ଗ ପରି ଢିପ.. ଜମିରେ ଟୋପେ ପାଣି ରହିବାର ନାହିଁ । ମୋ ବିଲ ଚାରିପାଖ ଶକ୍ତି ପରି ଖାଲ ହେଇଚି । ଶିବ ଲିଙ୍ଗରେ ପାଣି ଢାଳିଲେ ଯେମିତି ଲିଙ୍ଗରେ ପାଣି ନରହି ଶକ୍ତିରେ ଜମା ହୁଏ ; ସେମିତି ମୋ ବିଲ ଯେତେ ବରଷା ହେଲେ ବି ଶୁଖିଲା । ଚାରିପଘ ଜମିକି ବୋହିଯାଉଚି । ଫସଲ ଯାହା ହଉଥିବ, ଛାଡ଼ । ଫସଲ ହଉ କି ନ ହଉ ଚ୍ୟାଉ ପଟ୍ଟନାୟକ ଖଜଣା ନବାକୁ ହାଜର । ଖଜଣା ଦବାକୁ ତ ମୋ ପାଖରେ କିଛି ସମ୍ବଳ ନାହିଁ । ଖାଲି ବୁଢ଼ୀ ନ ହେଇଥିବା ମାଇପଟିଏ ଅଛି । କହିବ ଯଦି ଖଜଣା ବାବଦକୁ ପଠେଇଦେବି । ରାଜାଙ୍କ ଗାଲରେ ଯାଠୁ ଶକ୍ତ ଚଟକଣି କିଏ ଦେଇପାରେ !

କବି ବ୍ରଜନାଥ ବଡ଼ଜେନା ଢେଙ୍କାନାଳ ରାଜାଙ୍କ ପାଖରେ ଚାକିରି କରୁଥିଲେ । ରାଜାଙ୍କ ପାଖରେ ଥିଲେ ବି ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ତେଣୁ ସେ ରାଜାଙ୍କୁ ଖୋଲାଚିଠିଟିଏ (କବିତା) ଲେଖିଲେ ଯାହା 'ରାଜନଙ୍କୁ ଛଳଉକ୍ତି' ଭାବରେ ପରିଚିତ । ରାଜନଙ୍କୁ ଛଳଉକ୍ତି କବିତାଟି ବ୍ୟାଜସ୍ତୁତି ଶ୍ଲେଷ ଓ ବକ୍ରୋକ୍ତି ଅଳଙ୍କାର ବହନ କରେ ।

ଶ୍ଲେଷ ଓ ବକ୍ରୋକ୍ତି ସଂପର୍କରେ ଆଗରୁ କିଛି ଆଲୋଚନା କରାଯାଇଛି । ବ୍ୟାଜସ୍ତୁତି ଅଳଙ୍କାର ସଂପର୍କରେ ସଂସ୍କୃତ କବି ବିଶ୍ୱନାଥ କବିରାଜ କହନ୍ତି - ନିନ୍ଦାସ୍ତୁତିଭ୍ୟାଂ ବାଚ୍ୟାଭ୍ୟାଂ ଗମ୍ୟତେ ସ୍ତୁତିନିନ୍ଦୟୋଃ । ନିନ୍ଦା ଛଳରେ ପ୍ରଶଂସା କରିବା ଅଥବା ପ୍ରଶଂସା ଛଳରେ ନିନ୍ଦା କରାଯାଇଥିଲେ ବ୍ୟାଜସ୍ତୁତି ଅଳଙ୍କାର ହୋଇଥାଏ ।

ରାଜନଙ୍କୁ ପ୍ରଶଂସା ନାମରେ ନିଜସହ ସମାନ କରି ବେଶ୍ ବ୍ୟଙ୍ଗ କରିଛନ୍ତି ବ୍ରଜନାଥ ବଡ଼ଜେନା । ଲେଖିଛନ୍ତି -

ଶ୍ରୀସିଦ୍ଧ ବଳଦେବ ମହାପ୍ରଭୁଙ୍କ
ଶିରୀଚରଣ ଭାବନ ହେ।
ଢେଙ୍କାନାଳେଶଙ୍କ ଛାମୁରେ ବ୍ରଜ-
ନାଥ ବଡ଼ଜେନା କହେ ॥

ଏହି ଛଳଉକ୍ତି କବିତାରେ ବଡ଼ଜେନା କହିଛନ୍ତି - ହେ ରାଜା .. ଆପଣ ମତେ ନିଜ (ରାଜା) ପରି ରଖିଛନ୍ତି ; ଯେମିତି ଭଗବାନ ଭକ୍ତକୁ ବେଳେ ବେଳେ ନିଜ ରୂପ ଦେଇଥାନ୍ତି । ( ଉଦାହରଣ - କାକ ଚତୁର୍ଭୁଜ । ଶାନ୍ତନୁଙ୍କୁ ମଧ୍ୟ ଶିବ ନିଜରୂପ ପ୍ରଦାନ କରିଥିଲେ) । ମତେ ଆପଣ ନୃପତି ସୁଖ ଦେଇଛନ୍ତି ରାଜା ପରି ରଖିଛନ୍ତି ଏକଥା ସତ; କିନ୍ତୁ ନ ଜାଣିବା ଲୋକେ କହୁଛନ୍ତି ବଡ଼ଜେନା ବହୁତ ଦୁଃଖ ପାଉଛନ୍ତି ବୋଲି । ପ୍ରକୃତରେ ଆପଣ ଯେମିତି ସୁଖ ପାଉଛନ୍ତି ମୁଁ ବି ସେମିତି ସୁଖ ପାଉଚି । ତେବେ ମୁଁ ଆପଣଙ୍କ ପରି ସମାନ ସୁଖ କେମିତି ପାଉଚି ଶୁଣନ୍ତୁ-

ଗୋସାଇଁ ଛ ହାତୀ ବାସରେ ରଖିଛ
ଦେଇ ତହିଁ କେତେ ଗଣ୍ଠି ।
ମୁହିଁ ଛ ହାତୀ ବାସରେ ରଖିଅଛି
ଦେଇ ତହିଁ କେତେ ଗଣ୍ଠି ॥

ହେ ଗୋସାଇଁ.. ଆପଣ ନିଜ ପ୍ରାସାଦରେ ଛଅଟି ହାତୀ ଗଣ୍ଠି ପକେଇ ବାନ୍ଧି ରଖିଛନ୍ତି । ଆପଣଙ୍କ ପରି ମୁଁ ବି ଛ ହାତୀ ବାସରେ (ଛହାତିଆ ଲୁଗାରେ) ଅନେକ ଗଣ୍ଠି ପକେଇକି ରଖିଛି ॥

ପ୍ରଭୁ ସଇନ୍ଧବ ଖୋଜୁଛ ଛାମୁଁକୁ
ମିଳୁନାହିଁ ଆଚ୍ଛା ରୂପେ ।
ମୁହିଁ ନିତି ହିଁ ସଇନ୍ଧବ ଖୋଜଇ
ମିଳୁନାହିଁ ଅନୁରୂପେ ॥

ହେ ପ୍ରଭୁ .. ଆପଣ ସର୍ବଦା ନାନା ସଇନ୍ଧବ ( ରତ୍ନ) ଖୋଜୁଛନ୍ତି; କିନ୍ତୁ ଆପଣଙ୍କୁ ତାହା ଇଚ୍ଛା ମୁତାବକ ମିଳୁନାହିଁ । ମୁଁ ବି ନିତି ସଇନ୍ଧବ(ଲୁଣ) ଖୋଜୁଚି ଯେ ମତେ ବି ମିଳୁନାହିଁ ।

ବିଜେ ହେଲାବେଳେ ସୂର୍ଯ୍ୟଚନ୍ଦ୍ର ତ୍ରାସ
ପ୍ରଭୁଙ୍କ ମଥାରେ ଶୋହେ ।
ଘରେ ବସିଥିଲେ ସୂର୍ଯ୍ୟଚନ୍ଦ୍ର ତ୍ରାସ
ମୋ ମଥାରେ ଶୋଭାପାଏ ।

ହେ ରାଜା.. ଆପଣ ବିଜେ ହେଲାବେଳେ ଆପଣଙ୍କ ମଥା ଉପରେ **ସୂର୍ଯ୍ୟ**ଚନ୍ଦ୍ର ଛତିତ୍ରାସ ଶୋଭାପାଏ । ମୁଁ ବି ଘରେ ବସିଥିଲେ ମୋ ମୁଣ୍ଡ ଉପରେ ସୂର୍ଯ୍ୟଚନ୍ଦ୍ରଙ୍କ ତ୍ରାସ (କିରଣ) ପଡ଼େ । ଅର୍ଥାତ୍ ମୋ ଚାଳସାରା କଣା ।

ପ୍ରଭୁ ଯେ ମୁକୁତା ସରି ମଣ୍ଡନରେ
ବିଭୂତି ଭୂଷଣ ମଧ୍ୟେ ।
ମୁଁ କୁତା ସରି ମଣ୍ଡନ ହୋଇଅଛି
ବିଭୂତି ଭୂଷଣ କାୟେ ॥

ହେ ରାଜା..ତୁମେ ଦେହସାରା ମୁକ୍ତାରେ ଶୋଭିତ ହେତୁ ସକଳ ଐଶ୍ୱର୍ଯ୍ୟ (ବିଭୂତି)ର ଅଧିକାରୀ । ମୁଁ କୁତା (କୁକୁର) ପରି ଭୂମିରେ ଶୋଇବା ହେତୁ ଧୂଳି ଧୂସରରେ ମଣ୍ଡନ ହେଇଚି ।

ବହୁତ କପର୍ଦ୍ଦୀ ଦେଖୁଛ ଗୋସାଇଁ
ନିତି ହିଁ ନବର ଦେଶେ ।
ମୁହିଁ କପର୍ଦ୍ଦୀ ବହୁତ ଦରଶନ
କରୁଛି ମନ୍ଦିର ପାଶେ ॥

ହେ ଗୋସାଇଁ.. ଆପଣ ନିଜ ନଅରରେ କପର୍ଦ୍ଦୀ (କଉଡ଼ି/ମୁଦ୍ରା) ଭର୍ତ୍ତି ହେଇଥିବାର ଦେଖୁଛନ୍ତି । ମୁଁ ବି ମନ୍ଦିର ପାଖରେ ବହୁତ କପର୍ଦ୍ଦୀ(ଜଟାଧାରୀ ସାଧୁ )ଙ୍କୁ ଦର୍ଶନ କରୁଅଛି ।

ପୂରା କବିତାରେ ଏହିପରି ରାଜାଙ୍କୁ ବ୍ୟଙ୍ଗ କରିଛନ୍ତି ବଡ଼ଜେନା ଯାହା ଏଠାରେ ସଂପୂର୍ଣ୍ଣ ଆଲୋଚନା କରିବା ଅତୀବ ଦୀର୍ଘ ରୂପ ନେବ । କବିତା ଶେଷରେ ବଡ଼ଜେନା କହିଛନ୍ତି - ହେ ମଣିମା.. ମୁଁ ଏସବୁ (ରାଜପଦ) ସ୍ୱପ୍ନ ଦେଖୁଥିଲି ।ମୋ ନିଦ ଭାଙ୍ଗିଗଲା ପରେ ରାଜପଦ ଚାଲିଯାଇଛି ।

■■■



# ପ୍ରସାଦ ବାଣ୍ଟିଣ ଖାଇବ

## ଡା.ଘନଶ୍ୟାମ ଜୈନ



ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରଦତ୍ତ ପ୍ରତ୍ୟେକଟି ସାଂସାରିକ ବସ୍ତୁ ହେଉ କିମ୍ବା ଜ୍ଞାନ କୌଶଳ ହେଉ, ତାକୁ ଯଦି ମଣିଷ ବିଭୂ ପ୍ରସାଦ ଭାବରେ ସାଦର ପୂର୍ବକ ନିଜେ ଉପଭୋଗ କରିବା ସାଙ୍ଗକୁ ଅନ୍ୟ ସାଥୀମାନଙ୍କ ଆବଶ୍ୟକତା ଅନୁସାରେ ଭାଗବାଣ୍ଟି ଉପଯୋଗ କରିବା ଅଭ୍ୟାସ କରେ, ତେବେ ତା'ର ଜୀବନ ଯେ ସୁଖମୟ, ଆନନ୍ଦମୟ, ମଙ୍ଗଳମୟ ହେବ,ଏଥିରେ କୌଣସି ସନ୍ଦେହ ନାହିଁ । ଏହି ଭାଗବାଣ୍ଟି ଖାଇବା, ଅନ୍ୟର ସୁବିଧା,ଅସୁବିଧା ପ୍ରତି ଯତ୍ନଶୀଳ ହେବା ଏବଂ ପରୋପକାରୀ ମନୋଭାବଠାରୁ ମହନୀୟ ମାନବ କର୍ମ ଆଉ କିଛି ହୋଇ ନ ପାରେ। ଏହି ପ୍ରକାରର ନୈସର୍ଗିକ ଗୁଣ ଦ୍ୱାରା କଣ ଲାଭ ହେଇଥାଏ, ତା ବିଷୟରେ କିଛିଟା ଆଲୋଚନା କରିବା ଏଠାରେ ସମିଚୀନ ହେବ ।

୧. ଅନ୍ୟମାନଙ୍କ ଦୃଷ୍ଟିରେ ଏହିପରି ମଣିଷମାନେ ହେଇଯାନ୍ତି ଅତି ଆଦରଣୀୟ, ଉପଯୋଗୀ ଏବଂ ଅପରିହାର୍ଯ୍ୟ।

୨.ଏମାନେ ଜନସାଧାରଣଙ୍କ ମଧ୍ୟରେ ମାର୍ଗଦର୍ଶକ ହେଇ ସମାଜର ନେତୃତ୍ୱ ନେବାପାଇଁ ଉପଯୁକ୍ତ ପାତ୍ରତା ହାସଲ କରିପାରିଥାନ୍ତି ।

୩. ଏମାନଙ୍କ ଜୀବନରେ ସ୍ୱାଭିମାନ ଏବଂ ତୃପ୍ତି ଭରା ଆନନ୍ଦର ସମାବେଶ ହେଇଥାଏ, ଏବଂ ନିଜ ଜୀବନ କାଳ ମଧ୍ୟରେ ହିଁ ସେମାନେ ନୈସର୍ଗିକ ସୁଖର ଅନୁଭୂତିକୁ ପ୍ରାପ୍ତ ହେଇଥାନ୍ତି ।

ନିମ୍ନରେ ଏହାର ଏକ ସତ୍ୟ ଏବଂ ବାସ୍ତବ ଉଦାହରଣ(ଅବଶ୍ୟ ଏଠି ନାମ ପରିବର୍ତ୍ତନ କରା ହେଇଛି) ପ୍ରସ୍ତୁତ କରିବାକୁ ଚାହୁଁଛି, ଯାହାକି ନିଶ୍ଚୟ ପାଠକମାନଙ୍କ ପାଇଁ କେବଳ ମନୋଜ୍ଞ ଏବଂ ହୃଦୟସ୍ପର୍ଶୀ ହିଁ ନୁହେଁ, ବରଂ ଉପଯୋଗୀ ମଧ୍ୟ ହେବ ।

ଏକଦା ବାଙ୍ଗାଲୁରୁ ସହରରେ ଏକ ଆପାର୍ଟମେଣ୍ଟରେ ବହୁ ଦେଶୀୟ କମ୍ପାନୀରେ କାର୍ଯ୍ୟରତ ଥିବା ମୀନାକ୍ଷୀ ନାମ୍ନୀ ଜଣେ ତରୁଣୀ ତା' ବାପାଙ୍କ ହୃଦରୋଗରେ ଅକାଳ ମୃତ୍ୟୁ ହେବା ପରେ ନିଜ ବିଧବା ମା'ଙ୍କ ସାଙ୍ଗରେ ରହୁଥାଏ । ସେତେଟା ଆର୍ଥିକ ସ୍ୱଚ୍ଛଳତା ନ ଥାଏ । ମା' ସବୁ ଦିନେ ନିଜ ଝିଅ ପାଇଁ ଅଫିସ ଗଲା ବେଳକୁ ସୁସ୍ୱାଦୁ ଭୋଜନ ଭରା ଲଞ୍ଚ ବକ୍ସ୍ ପ୍ରସ୍ତୁତ କରି ପ୍ରତିଦିନ ରଖିଦିଏ । ମୀନାକ୍ଷୀ ମଧ୍ୟ ଲଞ୍ଚ ବକ୍ସ   ନେଇ ଆରାମରେ ନିଶ୍ଚିନ୍ତ ହେଇ ଖୁସି ମନରେ ଅଫିସ ପାଇଁ ଘରୁ ବାହାରି ଯାଏ । ସେଇଠି ସୋନାଲୀ ନାମ୍ନୀ ଏକ ସହକର୍ମୀ ସହ ତା'ର ବନ୍ଧୁତା ସ୍ଥାପନ ହେଇଯାଏ ଏବଂ ଦୁହେଁ ଏକା ସାଙ୍ଗରେ ଲଞ୍ଚଖାନ୍ତି ଏବଂ ମୀନାକ୍ଷୀ ସବୁ ଦିନେ ତା' ସାଙ୍ଗ ସହିତ ଲଞ୍ଚ ଶେୟାର କରିଖାଏ ।

ବାଙ୍ଗାଲୁରୁ ସହରରେ ଏକା ରହୁଥିବାରୁ ସୋନାଲୀକୁ ଲଞ୍ଚ ପାଇଁ କମ୍ପାନୀ କେଣ୍ଟିନ ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ ଏବଂ ବହୁ ଦିନ ଧରି ମା' ହାତ ରନ୍ଧା ସୁସ୍ୱାଦୁ ଭୋଜନରୁ ସେ ବଞ୍ଚିତ ଥାଏ । ମୀନାକ୍ଷୀ ମା 'ଙ୍କ ହାତ ରନ୍ଧା ଭୋଜନ ସୋନାଲୀ କୁ ଏତେ ପସନ୍ଦ ଲାଗିଲା ଯେ ସବୁ ଦିନେ ସେ ମିନାକ୍ଷୀ ସହ ଲଞ୍ଚ ଶେୟାର କରି ବସିଲା । କିନ୍ତୁ ତା'ର ସ୍ୱାଭିମାନ ତା'କୁ ବାରମ୍ବାର ମାନସିକ ଆଘାତ ଦେଉଥାଏ ଫ୍ରି ରେ ସବୁ ଦିନ ଲଞ୍ଚ ଖାଇବା ପାଇଁ ! ଦିନେ ସେ ବଡ଼ କୁଣ୍ଠିତ ଭାବରେ ନିଜ ବାନ୍ଧବୀ ମୀନାକ୍ଷୀ ଆଗରେ ମନର ଭାବ ପ୍ରକାଶ କରି କହିଲା," ଦେଖ ମୀନାକ୍ଷୀ, ମୁଁ ସବୁ ଦିନ ଫ୍ରିରେ ତୁମ ସହିତ ଲଞ୍ଚ କରିବାକୁ ଜମା ରୁ ଭଲ ଲାଗୁନି । କିନ୍ତୁ ମାଉସୀଙ୍କ ହାତରନ୍ଧା ଖାଦ୍ୟ ଏତେ ସୁଆଦିଆ ଏବଂ ପୌଷ୍ଟିକ ହେଉଛି ଯେ, ମୁଁ ତା'ର ଲୋଭ ମଧ୍ୟ ସମ୍ବରଣ କରିପାରୁ ନାହିଁ । ତୁମେ ଯଦି ଖରାପ ନ ଭାବିବ, ତେବେ ଏହି ବାବଦକୁ ଖର୍ଚ୍ଚ ମଧ୍ୟ ମୁଁ ଶେୟାର କରିବାକୁ ଚାହେ, ଏବଂ ଏହା ଦ୍ୱାରା ମୋର ମଧ୍ୟ ଏକ ବଡ଼ ସମସ୍ୟା ର ସମାଧାନ ହେଇଯିବ ।

ଏଇୟା ଶୁଣିଲା ପରେ ପ୍ରଥମେ ପ୍ରଥମେ ମନା କଲା ଏ 'ୟା କହିଯେ, "କିଏ କଣ ଖାଦ୍ୟ ଟିକକ ପାଇଁ ବାନ୍ଧବୀ

ଠୁଁ ପଇସା ନିଏ ? ମୁଁ କଣ ବ୍ୟବସାୟୀ ହେଇଛି"?

" ନା ଭଉଣୀ, ବ୍ୟବସାୟ କଥା ନୁହେଁ । ଏହା ତୁମ ବାନ୍ଧବୀର ସ୍ୱାଭିମାନ ସହିତ ଜଡ଼ିତ ଏକ ପ୍ରଶ୍ନ। ତୁମେ ଯଦି ମୋତେ ଖୁସି ଦେବାକୁ ଚାହୁଁଛ, ତେବେ ମୋଠାରୁ ତୁମକୁ ଏ ବାବଦକୁ କିଛି ଅର୍ଥ ଗ୍ରହଣ କରିବାକୁ ହେବ । ନହେଲେ ମୁଁ କାଲିଠାରୁ ତୁମ ସହିତ ଆଉ ଲଞ୍ଚ ଶେୟାର କରିବିନି ।

ତା'ର ଏ ପ୍ରକାର ଜିଦ୍ ଦେଖି ଶେଷରେ ମୀନାକ୍ଷୀ ଅନନ୍ୟୋପାୟ ହେଇ ତା କଥାରେ ରାଜି ହେଇଗଲା ।

କିଛି ଦିନ ଏଇମିତି ଚାଲିଲା ପରେ ତାଙ୍କ ସହିତ ଆଉ ଦୁଇ ଜଣ ଯୁବକ ସହକର୍ମୀ ମଧ୍ୟ ଯୋଗ ଦେଲେ, ଯୋଉ ମାନଙ୍କୁ ସେମାନେ ବୋଧହୁଏ ମନେ ମନେ ଭଲ ପାଇ ବସିଥିଲେ । ସେହି ସର୍ତ୍ତ ଅନୁସାରେ ସେମାନେ ମଧ୍ୟ ଲଞ୍ଚ ଶେୟାର କରିବା ଆରମ୍ଭ କରିଦେଲେ । ଏଥର ମା'ଙ୍କୁ ଜଣଙ୍କ ପାଇଁ ନୁହେଁ, ବରଂ ଚାରି ଜଣଙ୍କ ପାଇଁ ଲଞ୍ଚ ତିଆରି କରିବାକୁ ହେଲା ।

ମା'ଙ୍କ ହାତ ରନ୍ଧା ଖାଦ୍ୟ ଏତେ ଆପଣାର ଏବଂ ସୁସ୍ୱାଦୁ ହେଉଥିଲା ଯେ ଏହା ଧିରେ ଧିରେ ସେଇଠି କାମ କରୁଥିବା ଅନ୍ୟ ସହକର୍ମୀଙ୍କ ମହଲରେ ମଧ୍ୟ ଏକ ଚର୍ଚ୍ଚାର ବିଷୟ ହେଇଗଲା । ଧିରେ ଧିରେ ଆହୁରି ୪ ରୁ ୮ ଏବଂ ୮ ରୁ ୧୬, ଏଇମିତ ଗାଣିତିକ ହାରରେ ମେମ୍ବର ସଂଖ୍ୟା ବଢ଼ିବାକୁ ଲାଗିଲେ।

ମା'ଙ୍କୁ ମଧ୍ୟ ଏଇ ପ୍ରକାର କାମରେ ବେଶ୍ ରୁଚି ଥାଏ ଏବଂ ମନମୁତାବକ କାମଟିଏ ମିଳିଗଲେ ମଣିଷକୁ ସେହି କର୍ମ ସମ୍ପାଦନରେ ଏକ ଆତ୍ମିକ ଆନନ୍ଦ ମିଳୁଥାଏ ଏବଂ ସେଇଆ ଘଟିଥିଲା ତାଙ୍କ ଜୀବନରେ । ସନୈଃ ସନୈଃ ସେମାନେ ଏକ ବଡ଼ ଘରଟିଏ ଭଡା ନେଇ ଆଉ କିଛି କର୍ମଚାରୀ ମୁତୟନ କରି ଏହାକୁ ଏକ ବ୍ୟବସାୟର ରୂପ ଦେଲେ। ପାଠକେ ବୋଧହୁଏ ବିଶ୍ୱାସ କରିବେନି ଯେ, ଆଜି ସେହି ମହିଳା ଜଣକ ପାଖାପାଖି ହଜାରେ କାର୍ଯ୍ୟରତ ଥିବା ପିଲାଙ୍କ ପାଇଁ ଲଞ୍ଚ ବାକ୍ସ ତିଆରି କରି ଏହାକୁ ଏକ ଇଣ୍ଡଷ୍ଟ୍ରୀରେ ପରିଣତ କରିଦେଲେ । ଏବଂ ପରିବାରରେ ଖୁସି ସହିତ ଆର୍ଥିକ ସ୍ୱଚ୍ଛଳତା ମଧ୍ୟ ଆସିଗଲା ।

ଏଠାରେ କହିବା ବାହୁଲ୍ୟ ହେବ ଯେ, ଯଦି ସେ ଦିନ ସେ ଝିଅ ମୀନାକ୍ଷୀ ନିଜ ସହକର୍ମୀ ସହିତ ଭାଗବାଣ୍ଟି ଖାଇ ନ ଥାନ୍ତା ଏବଂ ସ୍ୱାର୍ଥର ବଶୀଭୂତ ହେଇ ଏକା ଏକା ଖାଇଥାନ୍ତା, ତେବେ ଆଜି ଏତେ ବଡ଼ ଉଦ୍ୟୋଗର କଳ୍ପନା ମଧ୍ୟ କରାଯାଇ ପାରି ନ ଥାନ୍ତା।

ତେଣୁ ବନ୍ଧୁଗଣ, ଶେୟାରିଙ୍ଗ ଏବଂ କେୟାରିଙ୍ଗ୍ ହେଉଛି ଏପରି ଏକ ନୈସର୍ଗିକ ଦୈବୀ ଗୁଣ, ଯାହା ବଳରେ ମଣିଷ ଜୀବନରେ ଏକ ଅଭୂତପୂର୍ବ ସଫଳତାର ଶୀର୍ଷକୁ ମଧ୍ୟ ପହଞ୍ଚିପାରେ । ସେଇଥିପାଇଁ ତ ଯଥାର୍ଥରେ ଭାଗବତରେ ଅତିବଡ଼ି ଜଗନ୍ନାଥ ଦାସ ଲେଖିଲେ :-

"ପ୍ରସାଦ ବାଣ୍ଟି ଣ ଖାଇବ,
ଅଳ୍ପ ବହୁତ ନ କହିବ ।"

■■■

ସ୍ତ୍ରୀ ରୋଗ ବିଶେଷଜ୍ଞ, ଟିଟିଲାଗଡ଼

# ରହସ୍ୟମୟ ଦୀପ

ମୀନୁ ହୋତା



ହୋସିଆର୍!!!

"ଏହି ଦୀପ ସହିତ କୌଣସି ପ୍ରକାରର ଗୋଳମାଳ କରନ୍ତୁ ନାହିଁ।
କାରଣ ଏହା ଭିତରେ ସମସ୍ତ ଗୁପ୍ତ ତତ୍ତ୍ୱକୁ ମିଶ୍ରଣ କରି ସଂଯୋଗ କରାଯାଇଛି ଏବଂ ଏହାକୁ ଶତାବ୍ଦୀ ଶତାବ୍ଦୀ ଧରି ଜଳିବାର କ୍ଷମତା ପ୍ରଦାନ କରାଯାଇଛି।"

ସେହି ଅଦ୍ଭୁତ ଦୀପାଧାର ର ଷ୍ଟାଣ୍ଡ ରେ ଏହି ଚେତାବନୀଟି ଲେଖାଯାଇଥିଲା। ପ୍ରାଚୀନ ଐତିହାସିକ ୟେସେ ଲାଇସ ଏହି ରହସ୍ୟମୟ ଦୀପ ବିଷୟରେ ଉଲ୍ଲେଖ କରି ଲେଖିଛନ୍ତି ଯେ ଏହି ଦୀପଟିକୁ ୟୁନାନୀ ଦେବତା ପ୍ଲାଟୋ ଙ୍କୁ ଉପହାର ଦିଆଯାଇଥିଲା।ଦୀପଟି ସୁନା ଓ ରୂପାରେ ତିଆରି ହୋଇଥିଲା କିନ୍ତୁ ତା ଭିତରେ କୌଣସି ଏକ ଅଜ୍ଞାତ ଦ୍ରବ୍ୟ ଇନ୍ଧନ ରୂପେ ବ୍ୟବହାର କରାଯାଇଥିଲା।ଯାହାକି ଆଲୋକ ଦେଉଥିଲା କିନ୍ତୁ ସେଥିରେ ମୋଟେ ଉତ୍ତାପ ନଥିଲା।

।୧୫୮୧ ମସିହାରେ ପ୍ରସିଦ୍ଧ ଇଂରେଜ ଐତିହାସିକ William Camden ଏକ ଐତିହାସିକ ଅନ୍ୱେଷଣ ସମୟରେ ସମ୍ରାଟ କାଁଷ୍ଟେଟ୍ସ ଙ୍କ କବର ଖୋଜୁଥିବା ସମୟରେ ତାଙ୍କ ଶବାଧାର ନିକଟରେ ଏହି ପରି ଏକ ରହସ୍ୟମୟ ଦୀପଟିକୁ ଆବିଷ୍କାର କରିଥିଲେ। ଦୀପଟିରେ ତୀବ୍ର ପ୍ରକାଶ ଥିଲା କିନ୍ତୁ ଉତ୍ତାପ ଆଦୌ ନଥିଲା। ଦୀପ ଭିତରେ ଇନ୍ଧନ ଜାଗାରେ ତରଳ ସୁନା ଭରି ରହିଥିଲା।ଏହି ସୁନା ହିଁ ଅତି ଧିରେ ଧିରେ ଜଳି ସ୍ନିଗ୍ଧ ଓ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିଲା। ସେ ପର୍ଯ୍ୟନ୍ତ ତାହା ୫୦୦ ବର୍ଷ ରୁ ଅଧିକ ସମୟ ଧରି ଜଳି ସାରିଥିଲା।କୈମଡ଼ନ ଏହି ଘଟଣା କୁ ପରବର୍ତ୍ତୀ ବର୍ଷ ଅର୍ଥାତ୍ ୧୫୮୨ ମସିହାରେ ନିଜ ପୁସ୍ତକ "ବ୍ରିଟେନ"ରେ ଲିପିବଦ୍ଧ କରି ଲେଖିଥିଲେ ଯେ ପ୍ରାଚୀନ କାଳରେ ଲୋକେ ଶୀତଳ ଆଲୋକ ର ବ୍ୟବହାର ବିଷୟରେ ଜାଣିଥିଲେ।

୧୫୨୩ ରୁ ୧୫୯୯ ମସିହାର ଅନ୍ୟଜଣେ ଗବେଷକ ଓ ଅନୁସନ୍ଧାନକର୍ତ୍ତା ଥିଲେ ଜୋଡୋ ପେଙ୍କି ରୋଲିସ୍। ସେ ମଧ ନିଜ ପୁସ୍ତକରେ କେବେ ଶେଷ ହେଉ ନ ଥିବା ତେଲ ଓ ବତୀ ବିଷୟରେ ଲେଖିଛନ୍ତି। ବିଶେଷ କରି ସମ୍ରାଟ୍ କାଁଷ୍ଟେଟ୍ କ୍ଲୋର୍ସ ଙ୍କ ସମୟରେ ଏପରି ବିଶେଷ ବତୀ ଓ ଇନ୍ଧନ ପ୍ରସ୍ତୁତ କରାଯାଉଥିଲା। ଏକ ବିଶେଷ ପଦ୍ଧତିରେ ଆଜବେଷ୍ଟସ୍ ପଥରରୁ ସୂତା ତିଆରି କରି ସେଥିରୁ ବତୀ ତିଆରି ହେଉଥିଲା ଏବଂ ସୁନାକୁ ବିଶେଷ ଆଞ୍ଚରେ ତରଳ କରି ଇନ୍ଧନ ରୂପେ ଜଳା ଯାଉଥିଲା।ଏହି ଇନ୍ଧନ ଏତେ ଧିର ଭାବରେ ଜଳୁଥିଲା ଯେ ଏହା ହଜାର ହଜାର ବର୍ଷ ଧରି ନିରନ୍ତର ଜଳି ମଧ ଶେଷ ହେଉ ନଥିଲା। ଏହା କୌଣସି ଝଞ୍ଜାବତାସ ବା ବାୟୁର ପ୍ରକୋପରେ ମଧ ଲିଭୁ ନଥିଲା। ବାୟୁ ଶୂନ୍ୟ ଆବଦ୍ଧ କବର ଭିତରେ ମଧ ଏହା ନିରନ୍ତର ଜଳୁଥିଲା।ଏହି ଦୀପର ପ୍ରକାଶ ଉଜ୍ଜ୍ୱଳ ସୁନା ପରି ତେଜିୟାନ ଥିଲା କିନ୍ତୁ ଉତ୍ତାପ ବିହୀନ ଥିଲା।ସମ୍ରାଟ କାଁଷ୍ଟେଟ୍ ଏହି ୪୪୦୦୦୦ ବର୍ଗ ଫୁଟ କ୍ଷେତ୍ରଫଳ ବିଶିଷ୍ଟ ନିଜର ରାଜମହଲ କୁ ଏପରି ଅନେକ ଦୀପମାଳାରେ ଚାରିଆଡୁ ଆଲୋକିତ ରଖିବାର ବ୍ୟବସ୍ଥା କରିଥିଲେ।

ଇଟାଲୀର ନସୀବା ଦ୍ୱୀପରେ ଗୋଟିଏ କବର ଭିତରୁ ଏପରି ଏକ ଦୀପ ମିଳିଥିଲା।କବର ଟି ଖୁବ୍ ପୁରୁଣା ଥିଲା ଏବଂ ଏହାର ଦ୍ୱାର ମଧ୍ୟ ଅତ୍ୟନ୍ତ ଶକ୍ତ ଓ ମଜବୁତ ଥିଲା।କୌଣସି ମତେ କବରଟିକୁ ଖୋଲିବା ପରେ ଦେଖାଗଲା ଯେ କବର ଭିତରୁ ତୀବ୍ର ଆଲୋକ ବାହାରି ଚାରିଆଡେ ଜ୍ୟୋତି ବିଚ୍ଛୁରଣ କରୁଛି।ଭିତରକୁ ଯିବା ପରେ ଜଣାଗଲା ଯେ ଶବ ପାଖରେ ଥିବା ଏକ ଦୀପରୁ ଏହି ଆଲୋକ ଆସୁଛି।ଦୀପଟି ବାହାରକୁ କାଢି ଆଣିବା ପରେ ମଧ୍ୟ ତାହା ସେପରି ଜଳୁଥିଲା ଏବଂ ତାର ବତୀ ମଧ୍ୟ ସତେଜ ଥିଲା।ସେଣ୍ଟ ଅଗଷ୍ଟାଇନ୍ ନିଜର ଏକ ପୁସ୍ତକରେ ଲେଖିଥିଲେ ଯେ ରୋମ୍ ରେ ସୌନ୍ଦର୍ଯ୍ୟର ଦେବୀ ଭେନସ୍ ଙ୍କ ମନ୍ଦିରରେ ମଧ୍ୟ ଏପରି ଏକ ନିରନ୍ତର ଦୀପ ଥିଲା ଯାହାକି ପ୍ରଚଣ୍ଡ ଝଡ଼ ତୋଫାନରେ ମଧ୍ୟ ଲିଭୁ ନଥିଲା।

କଣ ଏହି ନିରନ୍ତର ଜଳୁଥିବା ଶୀତଳ ଜ୍ୟୋତି?ଯେଉଁଥିରେ ଆଲୋକ ଥିବ କିନ୍ତୁ ଉତ୍ତାପ ନଥିବ ପୁଣି ଶହ ଶହ ବର୍ଷ ଧରି ଜଳିବାର ସତ୍ତ୍ୱେ ଶେଷ ହେଉ ନଥିବ?

ଏହି ବିଷୟରେ ଅଧିକ ଗବେଷଣା ପାଇଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କିଛି ବୈଜ୍ଞାନିକ ମିଥାଇଲ୍ ନାଇଟ୍ରେଡ କୁ ଇନ୍ଧନ ରୂପେ ବ୍ୟବହାର କରି ଦୀପ ପ୍ରସ୍ତୁତ କଲେ।କିନ୍ତୁ ଏହା ମାତ୍ର କିଛି ସପ୍ତାହ ଧରି ଜଳିଥିଲା।ପରେ ଲିଭିଗଲା।୧୯୧୪ ମସିହାରେ ପ୍ରଫେସର ହାଁଜମୋଲଶ ବିୟନା ର ବୈଜ୍ଞାନିକ ପ୍ରଦର୍ଶନୀ ରେ ଶୀତଳ ଜ୍ୟୋତି ର ପ୍ରଦର୍ଶନ କରିଥିଲେ।କିନ୍ତୁ ତାହା ମାତ୍ର ୨୧ ଦିନ ଧରି ଜଳିବା ପରେ ଲିଭି ଯାଇଥିଲା।

ଭାରତୀୟ ପ୍ରାଚୀନ ସିଦ୍ଧ ଏବଂ ଯୋଗୀ ପୁରୁଷ ଏହି ଶୀତଳ ପ୍ରକାଶ ର ବ୍ୟବହାର ଜାଣିଥିଲେ।ଭୁଗର୍ଭ ଅଭ୍ୟନ୍ତରରେ ଥିବା ସାଧନା କକ୍ଷ ଓ ଅନ୍ଧକାର ଗିରି ଗୁମ୍ଫା ଭିତରେ ଏହିପରି ନିରନ୍ତର ଜଳୁଥିବା ଶୀତଳ ପ୍ରକାଶରେ ସେମାନେ ଦୀର୍ଘବର୍ଷ ଧରି ସାଧନାରତ ରହୁଥିଲେ।ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ନିଜ ସାଧନାକାଳରେ ଜ୍ଞାନଗଞ୍ଜ ମଠ ର ଅନୁଭୂତି ବର୍ଣ୍ଣନା କରିବା ସମୟରେ ପ୍ରୀୟ ଶିଷ୍ୟ ଗୋପୀନାଥ କବିରାଜଙ୍କୁ ଏହି ରହସ୍ୟମୟ ସ୍ନିଗ୍ଧ ଆଲୋକ ବିଷୟରେ କହିଥିଲେ।ଯାହାକି ସମୁଦାୟ ସଂଗ୍ରୀଲା ଘାଟି କୁ ଆଚ୍ଛନ୍ନ କରି ରଖିଥିଲା।ସେହି ସୁବର୍ଣ୍ଣ ଆଲୋକର ଉତ୍ସ କେଉଁଠି ଥିଲା, କିପରି ଆସୁଥିଲା ତାହା ଜାଣିବା ଅସମ୍ଭବ ଥିଲା ।ସେଠି ସୂର୍ଯ୍ୟ,ଚନ୍ଦ୍ର କିମ୍ୱା କୌଣସି ଭୌତିକ ଖଗୋଳୀୟ ଆଲୋକର ଅନୁପସ୍ଥିତିରେ ମଧ୍ୟ ଚାରିଆଡେ ଆଉଟା ତରଳ ସୁନା ପରି ସ୍ନିଗ୍ଧ ତଥା ସ୍ୱର୍ଣ୍ଣ କିରଣ ବିଚ୍ଛୁରିତ ହେଉଥିଲା।

ଆଜି ଭୌତିକ ବିଜ୍ଞାନ ବୈଦ୍ୟୁତିକ ପ୍ରକାଶର ଅନେକ ଉତ୍ସ ଓ ବ୍ୟବହାର ଆବିଷ୍କାର କରି ସାରିଛି କିନ୍ତୁ ଏପରି ନିରନ୍ତର ଜଳୁଥିବା ପ୍ରାକୃତିକ ଶୀତଳ ଇନ୍ଧନ ବିଷୟରେ ଅଜ୍ଞ ଅଛି।ଯଦି ବିଜ୍ଞାନ ପ୍ରାଚୀନ ଗବେଷଣା ଓ ପ୍ରାଚୀନ ବିଦ୍ୟାକୁ ନବୀନ ଗବେଷଣା ର ଆଧାରରେ ପୁନଃ ଅନ୍ୱେଷଣ କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତା ହୁଏତ ବିଜ୍ଞାନର ଆଉ ଅନେକ ଅମିମାଂସୀତ ରହସ୍ୟ ର ଉନ୍ମୋଚନ ହୋଇ ପାରନ୍ତା।

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

■■■



# ଟିପା ଖାତା

**ଆଶୁତୋଷ ଧଳ**

ସୌରଭ ବୈଠକ ରୁମ୍ ରେ ବସି ଆଖିରେ ଚଷମା ଲଗାଇଲେ। ପକେଟ୍ ରୁ ଟିପା ଖାତା ବାହାର କରି ଆଜିର ହିସାବ ଗୁଡ଼ାଏ ତନ୍ନ ତନ୍ନ କରି ଲେଖି ପକାଇଲେ।

ରୋଷେଇ ଘରୁ ଥାଇ ପାଟି କରୁଥିଲେ ନିର୍ଜଳା। ଆରେ ଔଷଧ କିଣା ପରେ ଯୋଉ ଜଳଖିଆ ଖାଇଲେ ତାର ହିସାବ ଟା ଲେଖିଛ ତ?
ହଁ ହଁ ସବୁ ଲେଖିଛି।
ଆଉ ରିକ୍ସା ଭଡ଼ା।
ହଁ ବା ସବୁ ଲେଖିଛି।

ବାଥରୁମ୍ ରୁ ଗୋଡ ହାତ ଧୋଇ ଆସି ଠାକୁର ଘରେ ମୁଣ୍ଡିଆ ମାରୁଥିଲେ ଦିନାନାଥ। ଗୀତା ଅଧ୍ୟାୟଟେ ପଢୁ ପଢୁ ମଝିରେ ମଝିରେ ଗଳା ଖିଙ୍କାରି କାଶୁଥିଲେ।
ଠାକୁରଙ୍କ ଘରୁ ଆସି ଦୀର୍ଘ ନିଶ୍ୱାସ ଟିଏ ନେଇ ସୌରଭ ପାଖରେ ସୋଫା ଉପରେ ବସିପଡିଲେ।

ବୁଝିଲ ବାପା। ଆଜି ତୁମକୁ କଟକ ରେ ଡାକ୍ତର ଦେଖିବାରେ ସମୁଦାୟ ୬୬୦ ଟଙ୍କା ଖର୍ଚ୍ଚ ହୋଇଗଲା। ବାଣୀବିହାର ରୁ ବସ୍ ରେ ବାଦାମବାଡ଼ି, ସେଠୁ ପୁଣି ରିକ୍ସା ରେ ବଡ଼ ଡାକ୍ତରଖାନା। ସେସବୁ ଭଡ଼ା, ଡାକ୍ତର ଫିସ୍, ଔଷଧ କିଣା , ଜଳଖିଆ ପଇସା ସବୁ ବାବଦ କୁ ମୋଟ ୬୬୦ ଟଙ୍କା ଖର୍ଚ୍ଚ ହୋଇଗଲା। ଏଇ ଦେଖ ଏ ଟିପା ଖାତା ରେ ସବୁ ହିସାବ ଲେଖିଛି।
ସହରରେ ବହୁତ୍ ଖର୍ଚ୍ଚ ବାପା। କୁଆଡୁ ପଇସା ଆଣିବି କେତେ ଖର୍ଚ୍ଚ କରିବି। ଦରମା ବି ସେମିତି କିଛି ବେଶୀ ନୁହେଁ। ପିଲାମାନଙ୍କ ପଢା ଖର୍ଚ୍ଚ ପୁଣି ଅଛି। ମାସକୁ ମାସ କେତେ ଆଉ ଖର୍ଚ୍ଚ କରିବି।
ତୁମ ଔଷଧ ଖର୍ଚ୍ଚ ବାଦ୍ ଗାଁ ଘର ଖର୍ଚ୍ଚ ପାଇଁ ପୁଣି ଟଙ୍କା ପଠାଇବାକୁ ପଡୁଛି।

ନାଲି ଚା ବାପାଙ୍କ ହାତକୁ ବଢାଇ ଦେଉ ଦେଉ ନିର୍ଜଳା କହିଲେ ଆରେ ସୌରଭ, ସେ ଟ୍ୟୁସନ୍ ସାର୍ ଫୋନ୍ କରିଥିଲେ ତାଙ୍କ ଫିସ୍ ପାଇଁ।

ସୌରଭ କହୁଥିଲେ ବୁଝିଲ ବାପା ତୁମ ଦେହ ଖରାପ ଠୁ ପଇସା ମୋର ସୁଅ ପରି ବୋହି ଚାଲିଛି। ଛଅ ମାସ ଭିତରେ ତୁମେ ଗାଁ ରୁ ଛଅ ଥର ଆସିଲଣି। ସବୁଥର କଟକ ରେ ଡାକ୍ତର ଦେଖା, ରକ୍ତ ପରୀକ୍ଷା, ଇସିଜି, ଛାତି ସ୍କାନ୍ ସବୁ କରିବାକୁ ପଡୁଛି। ଦେଖ ଏ ଖାତାରେ ଛଅ ମାସ ର ସବୁ ହିସାବ ଲେଖିଛି। ସର୍ବ ମୋଟ ପାଖାପାଖି ପଚାଶ ହଜାର ଖର୍ଚ୍ଚ କରିସାରିଲିଣି। ମୁଁ ଆଉ କେତେ ଖର୍ଚ୍ଚ କରିପାରିବି।

ଦିନାନାଥ ବେଶ୍ ନୀରବ ନିଶ୍ଚଳ ଥିଲେ। ତଳକୁ ମୁହଁ କରି ନାଲି ଚା ପିଉ ଥିଲେ। ମଝିରେ ମଝିରେ କାଶୁଥିଲେ।

ହଁ ରେ ସୌରଭ। ମୁଁ ତ ଅସୁବିଧା କଥା ବୁଝିପାରୁଛି। ମୋ ଦେହ ଖରାପ ଠୁ ତୋ ଉପରେ ମୁଁ ଗୋଟେ ବିରାଟ ବୋଝ ହୋଇଯାଇଛି। କଣ ଆଉ କରିବି, ଠିକ୍ ସମୟରେ ସବୁ ରୋଗ ମୋତେ ମାଡ଼ି ବସିଲା। ଡାଇବେଟିସ୍, ହାର୍ଟ, ବ୍ଲଡ଼ ପ୍ରେସର୍। ଶିକ୍ଷକ ଚାକିରୀ ରେ ବେଶୀ କିଛି ସଞ୍ଚୟ ବି କରିପାରିନି। ତୁ ତ ଜାଣୁ ଜମି ବାଡ଼ି ବି ଆମର କିଛି ନାହିଁ। ତୋ ମାଆ ର ଗହଣା ବି ଆଉ କିଛି ନାହିଁ। କଣ କରିବି, ମୋ ମୁଣ୍ଡ କିଛି କାମ କରୁନି। ତୋ ମା ବି ଭାରି ଧନ୍ଦି ହୋଇଗଲାଣି ମୋ ପାଇଁ।

ବୁଝିଲ ବାପା ତୁମେ ବି ଔଷଧ ଖାଇବାରେ ବହୁତ୍ ଅବହେଳା କରୁଛ। ମିଠା ବି ମଝିରେ ମଝିରେ ଖାଇ ଦେଉଛ। ନିଜ ଦେହ ପ୍ରତି ଜମା ଯତ୍ନବାନ ହେଉନ। ରୋଗ ଟା ଆସ୍ତେ ଆସ୍ତେ ବଢ଼ି ଚାଲୁଛି। ମୁଁ ଆଉ କେତେ ଔଷଧ ପାଣି ରେ ଟଙ୍କା ଖର୍ଚ୍ଚ କରିବି।

କାଲି ସକାଳ ବସ୍ ରେ ଟିକେଟ୍ କାଟିଦେଇଛି। ଘରକୁ ଯାଇ ଔଷଧ ଠିକ୍ ସମୟ ରେ ଖାଇବ। ମାଆ କୁ କହିବ ରାତିରେ ରୁଟି କରିଦେବ ତୁମ ପାଇଁ। ଭାତ ରାତିରେ ଜମା ଖାଇବନି। ନିଜ ଦେହ କଥା ନିଜେ ବୁଝିନେବ। ଆର ମାସ ଆଉ ଆସିବନି। ଦୁଇମାସ ର ଔଷଧ କିଣି ଦେଇଛି।

ସକାଳେ ବ୍ୟାଗ୍ ଧରି ଦିନାନାଥ ବସ୍ ରେ ଘର ମୁହାଁ ହେଲେ।
ଅବେଳ ରେ ରୋଗ ଟା ତାଙ୍କୁ ଗୋଟେ ଗ୍ରହ ପରି ଗ୍ରାସି ଦେଇଛି । ତାଙ୍କୁ କଙ୍କାଳ ସାର କରିଦେଇଛି । ଛାତିରେ ବେଳେ ବେଳେ ଅସହ୍ୟ ଯନ୍ତ୍ରଣା। ଡାକ୍ତର କହିଲେ ହାର୍ଟ ରେ ବ୍ଲକେଜ୍। ଅପରେସନ୍ ନିହାତି ଜରୁରୀ। ପୁଅ ପାଖରେ ଟଙ୍କା ର ଅଭାବ। ଭରସି ଅପରସେନ୍ କଥା କହି ପାରୁନାହାଁନ୍ତି ପୁଅକୁ। ଏତେ ଟଙ୍କା ସେ ଆଣିବ କୋଉଠୁ?
ଜୀବନ ସାରା କାହା ପାଖରେ ମୁଣ୍ଡ ନୁଆଁଇ ନଥିବା ଦିନାନାଥଙ୍କୁ ଶେଷରେ ପୁଅ ବୋହୁ ପାଖରେ ନିଇତି ମୁଣ୍ଡ ନୁଆଁଇବାକୁ ପଡୁଛି।

ସମୟ ତା ବାଟରେ ଚାଲିଥାଏ।

ସେଦିନ ରବିବାର। ସୌରଭ ନିତ୍ୟକର୍ମ ସାରି ବୈଠକ ଘରେ ବସି ଖବର କାଗଜ ଉପରେ ଆଖି ବୁଲାଉଥିଲେ। ହଠାତ୍ ତାଙ୍କ ମୋବାଇଲ୍ ଟି ବାଜି ଉଠିଲା। ଗାଁ ରୁ ସାହିର ରତ୍ନାକର ଫୋନ୍ କରିଥିଲା।
...ହ୍ୟାଲୋ ଆରେ ରତ୍ନାକର କହ।
...ଭାଇ, ଦିନା ବଡବାପାଙ୍କ ଦେହ ବହୁତ୍ ଖରାପ। ଛାତିରେ ଯନ୍ତ୍ରଣା ଯୋଗୁଁ ଛଟ ପଟ ହେଉଛନ୍ତି। ଆମେ ପାଖ ଡାକ୍ତରଖାନା କୁ ନେଇ ଯାଉଛୁ। ତୁମେ ଜଲଦି ବାହାରି ପଳେଇ ଆସ।

ସୌରଭ ସ୍ଥାଣୁ ପାଲଟିଗଲେ। ତାଙ୍କ ଗୋଡ ହାତ କିଛି କାମ କରୁ ନଥିଲା। ଆଖି କୋଣ ଟା ଲୁହରେ ଜକେଇ ଆସୁଥିଲା।

ସେ କାଳବିଳମ୍ବ ନ କରି କାର୍ ବାହାର କଲେ। ନିର୍ଜଳା ଆଉ ପିଲାମାନଙ୍କୁ ବସାଇ ଗାଁ ଅଭିମୁଖେ ଚାଲିଲେ।
ଭୁବନେଶ୍ୱର ରୁ ବାଲେଶ୍ୱର ପ୍ରାୟ ଚାରି ଘଣ୍ଟା ର ରାସ୍ତା। ସେଠୁ ପୁଣି ଗାଁ କୁ ଘଣ୍ଟାଏ। କାର୍ ର ସ୍ପିଡ୍ ବଢ଼ାଇ ଦେଇଥିଲେ ସୌରଭ। କାଚ ଭିତରୁ ଦୂର ଦିଗ୍ ବଳୟକୁ ଅନାଇଥଲେ ସେ। ବାପାଙ୍କ ମୁହଁଟି ତାଙ୍କୁ ଜଳ ଜଳ କରି ଦିଶୁଥିଲା।

ପାଖାପାଖି ଅପରାହ୍ନ ପାଞ୍ଚଟା ହେବ। ନଈ ସେପାରି ରେ ସୁରୁଜ ଅସ୍ତଗାମି ହେବାକୁ  ଏକରକମ ପ୍ରସ୍ତୁତ।

ଗାଁ ପାଖରେ ପହଁଚିଗଲେ ସୌରଭ । ଘରର ତାଟି ପାଖରେ ସାହି ଲୋକଙ୍କ ଅଜସ୍ର ଭିଡ଼। ଘରଭିତରୁ ମାଆ ର ମଥା ପିଟା କ୍ରନ୍ଦନ। ବାପାଙ୍କ ନିଶ୍ଚେତ ଶରୀର ଟା ପିଣ୍ଡାରେ ପଡ଼ି ରହିଥିଲା।
ସୌରଭ ବାପାଙ୍କ ଛାତିରେ ମଥା ରଖି ଛୋଟ ପିଲା ପରି କେଇଁ କେଇଁ କାନ୍ଦୁଥିଲେ। ଶବ ନେବା ପାଇଁ କାଠ, ବାଉଁଶ ର ପ୍ରସ୍ତୁତି ସରିଥିଲା। କେହି ଜଣେ କହୁଥିଲା ଗୋଟେ ସଫା ଧଳା ଧୋତି ଟିଏ ଶବ ଉପରେ ଡାଙ୍କି ଦିଅ।
ମାଆ ଭିତରୁ କହୁଥିଲା ଆରେ ବାପାଙ୍କ ବାକ୍ସ ରୁ ଧୋତି ଟି ନେଇ ଆ।

ସୌରଭ ବାପାଙ୍କ ରୁମ୍ ଭିତରକୁ ପଶିଗଲେ। କାହିଁ କେତେ ବର୍ଷ ର ପୁରୁଣା ଟିଣ ବାକ୍ସ ଟିକୁ ଖୋଲିଲେ। ଅଳିଆ ଆବର୍ଜନା ରେ ଭର୍ତ୍ତି ଥିଲା ବାକ୍ସ ଟି। ଚାରି ଭାଙ୍ଗ ହୋଇଥିବା ଧୋତି ଟି ବାହାର କଲେ। ଧୋତି ଟି ଉପରକୁ ଉଠାଉ ଉଠାଉ ଗୋଟେ ଛୋଟ ଟିପା ଖାତା ଟ ଗଳି ପଡ଼ିଲା। ସୌରଭ ଖାତା ଟିକୁ ଉଠାଇଲେ। ପୃଷ୍ଠା ପରେ ପୃଷ୍ଠା ପଢ଼ି ଚାଲିଲେ ।

ତାରିଖ ....... ଆଜି ପୁଅ ଆଡ଼ମିଶନ ପାଇଁ ଭରତ ମାଝି ଠୁ ଆଣିଥିବା ତିନି ହଜାର ଟଙ୍କା ସୁଧ ମୂଳ ସହ ସାତ ହଜାର ଶୁଝିଲି।

ତାରିଖ....... ଆଜି ଦରମା ପାଇ ସଉଦା ଦୁକାନ ରେ ବାକି ଥିବା ଚାରି ହଜାର ଶୁଝିଲି। ସଉଦା ଦୁକାନି ଟି ଭାରି ହିନ ଛିନ୍ କରି କଥା ହେଉଥିଲା।

ତାରିଖ....... ଆଜି ପୁଅ ନୂଆ ଡ୍ରେସ୍ ପାଇଁ ଜିଦି କରିବାରୁ ବିଜୟ ଗିରି ପାଖରୁ ମାସିକ ୧୦ ପ୍ରତିଶତ ସୁଧରେ ଦୁଇହଜାର ଟଙ୍କା ଧାର ଆଣିଲି।

ତାରିଖ...... ପୁଅ ର ଭୁବନେଶ୍ୱର ରେ  ଉଚ୍ଚ ଶିକ୍ଷା ପାଇଁ କଲେଜ୍ ରେ ଆଡ଼ମିଶନ ବାବଦକୁ ଟଙ୍କା ଅଭାବରୁ ସ୍ତ୍ରୀ ର ସମସ୍ତ ଗହଣା ବନ୍ଧା ପକାଇ ଗାଆଁ ମହାଜନ ସୁକୁମାର ସାହୁ ଠୁ ପଚିଶ ହଜାର ଧାର ଆଣିଲି।

ତାରିଖ....... ଆଜି ଦିବାକର ପଣ୍ଡା ଟଙ୍କା ପାଇଁ ଘରେ ଆସି ଭାରି ବେଇଯତ୍ କଲା। ପାଖ ଗହଣା ଦୁକାନରେ ଶଶୁର ଘରୁ ମିଳିଥିବା ଏକମାତ୍ର ମୁଦି ଟିକୁ ବିକି ତିନି ହଜାର  ଟଙ୍କା ଶୁଝିଦେଲି।

ତାରିଖ....... ସେଦିନ ସୌରଭ କହିଲା ବାପା ମୋର ଗୋଟିଏ ସାଇକେଲ ଦରକାର। ସବୁ ପିଲାଙ୍କ ର ଅଛି । ଏଇ ଥର ଦରମା ପାଇଲେ ଅଧିକ ପଇସା ପଠେଇଦେବ। ସେଦିନ ସ୍କୁଲ୍ ରେ ଜଣେ ସାର୍ ଙ୍କ ଠୁ ପାଞ୍ଚ ପଇସା ସୁଧରେ ଚାରି ହଜାର ଟଙ୍କା ଆଣି ସୌରଭ ପାଖକୁ ମନି ଅର୍ଡର କଲି।

ତାରିଖ..... ସୌରଭ ଚିଠି ଲେଖିଲା , ବାପା ମୋର ଗୋଟେ ବୁଟ୍ ଆଉ ଭଲ ଘଣ୍ଟା ଟିଏ ଦରକାର। ତୁମେ ଏମିତି କମ୍ ଟଙ୍କା ପଠାଇଲେ ହେବନି। ମୁଁ ପୁଣି ସାଙ୍ଗ ସାଥିରେ ଚଳିବି କେମିତି। ମୋ ସାଙ୍ଗ ମାନେ କେତେ ଦାମିକା ଜୋତା, ଘଣ୍ଟା ସବୁ ପିନ୍ଧୁଛନ୍ତି। ତୁମେ ଯେମିତି ହେଲେ ଏଥର ଅଧିକ ଟଙ୍କା ପଠେଇବ। ସେଦିନ ମୁଁ ମୋ ସ୍ତ୍ରୀ ର ରୁପା  ଗୋଡ଼ ଖାଡୁ ଆଉ ଘରେ ଥିବା ପିତ୍ତଳ ଗଗରା ଟା ବିକି ପୁଅ ପାଖକୁ ପନ୍ଦର ଶହ ଟଙ୍କା ପଠାଇଲି।

ତାରିଖ....... ସୌରଭ ର ବାହାଘର ଟା ପାଖେଇ ଆସିବାରୁ ଚିନ୍ତାରେ ଭାଙ୍ଗି ପଡିଲି। ଟଙ୍କା ଅଭାବରୁ ଶ୍ୱଶୁର ଘରୁ ଦାନ ରେ ମିଳିଥିବା ଆଠ ଗୁଣ୍ଠ ଜମି ଟା ଛତିଶ ହଜାର ଟଙ୍କାରେ ବିକିଲି ଆଉ ଜିପିଏଫ୍ ଟଙ୍କାର ଶେଷ ଭାଗ ଛପନ ହଜାର ଉଠାଇ ବାହାଘରରେ ଖର୍ଚ୍ଚ କଲି।

ସୌରଭ ବାପାଙ୍କ ଟିପାଖାତା ଟିକୁ ଛାତିରେ ଜାବୁଡ଼ି ଧରି ଜୋର୍ ରେ କାନ୍ଦି ଉଠିଲା। ପିଲାଙ୍କ ପରି ଭୋ ଭୋ କାନ୍ଦିଲା । ଅଜସ୍ର ଅମାନିଆ ଲୁହ ଗୁଡ଼ିକ ବୁକୁ ଭେଦି ବୋହି ଚାଲୁଥିଲେ।

ବାପାଙ୍କ ଶବଟି ନଈ ବାଲିରେ ଛଅ ଖଣ୍ଡ କାଠରେ ହୁତ୍ ହୁତ୍ ହୋଇ ଜଳୁଥିଲା। ସୌରଭ ନିଜ ପକେଟ୍ ରୁ ତା ହିସାବ ର ଟିପାଖାତା ଟିକୁ ବାହାର କଲା। ବାପାଙ୍କ ଚିତାଗ୍ନି କୁ ଟିପା ଖାତା ଟିକୁ ଫୋପାଡି ଦେଲା। ଚିତାଗ୍ନି ଉପରେ କାଠ ଖଣ୍ଡେ ଦେଇ ପ୍ରଣାମ୍ କରୁ କରୁ କହିଲା

" ବାପା ମୋର ଭୁଲ୍ ହୋଇଗଲା"।

■■■

ନନ୍ଦନ ବିହାର, ଭୁବନେଶ୍ୱର
ମୋ-୯୧୭୮୩୦୦୩୭୭

# ପଛପଟର ମଣିଷ

ଶଶାଙ୍କ ଶେଖର ମିଶ୍ର



ସାଧାରଣ ମଣିଷଟିଏ ନିଜ ଦୋଷ ଅପେକ୍ଷା ଅନ୍ୟର ଦୋଷ ସହଜରେ  ଦେଖିପାରେ । ଜଣେ ରୁ ଦୁଇଜଣ ହୋଇଗଲେ ସେ ଅନ୍ୟାନ୍ୟ ସବୁ ଆଲୋଚନାକୁ ପଛରେ ପକାଇ ଆତ୍ମସ୍ତୁତି ଏବଂ ପରନିନ୍ଦା କରିବାରେ ଲାଗିପଡେ। ଅବଶ୍ୟ ଏହା ସାର୍ବଜନୀନ ହୋଇ ନ ପାରେ । ଗାଁ ଠାରୁ ସହର ପର୍ଯ୍ୟନ୍ତ ଏଇ ଏକା କଥା।

ଧରାଯାଉ କୌଣସି ନିର୍ଦ୍ଦିଷ୍ଟ ଅଂଚଳର ଗୋଟିଏ ବରଗଛ ତଳେ  ଥାଏ ଗୋଟିଏ ସିମେଣ୍ଟ ଚାନ୍ଦିନୀ। ପ୍ରତିଦିନ ଅପରାହ୍ନରେ ସେଠାରେ ପହଂଚିଯାଆନ୍ତି  ସେ ଅଂଚଳର ଅବସରପ୍ରାପ୍ତ ସରକାରୀ, ବେସରକାରୀ କର୍ମଚାରୀ ଏବଂ ବୃଦ୍ଧ ବ୍ୟବସାୟୀଗଣ।  ସଂଧ୍ୟା ପାଂଚ ଘଟିକା ଠାରୁ ପ୍ରାୟ ଆଠ ଘଟିକା ପର୍ଯ୍ୟନ୍ତ ଜମି ଚାଲିଥାଏ ଗପର ଆସର । ଆସର ଆରମ୍ଭ ହୁଏ ଦେଶ ଓ ସରକାରଙ୍କ ମନମୁଖି କାର୍ଯ୍ୟକଳାପର ଜ୍ଞାନଗର୍ଭକ ଆଲୋଚନାରୁ । ପ୍ରତୀୟମାନ ହେଉଥାଏ - ସେମାନଙ୍କମଧ୍ୟରୁ ଯେ କୌଣସି ବ୍ୟକ୍ତିବିଶେଷଙ୍କୁ  ରାଷ୍ଟ୍ର ମୁଖ୍ୟ କରିଦିଆଗଲେ ହିନ୍ଦୀ ଚଳଚ୍ଚିତ୍ର ନାୟକର ହିରୋ ପରି ବୋଧ ହୁଏ ଗୋଟିଏ ସପ୍ତାହ ମଧ୍ୟରେ ରାଷ୍ଟ୍ରର ସମସ୍ତ ଦୋଷତ୍ରୁଟି ସେ ସଜାଡି ପକାଇବେ । ଆଲୋଚନା କ୍ରମେ ବ୍ୟାପ୍ତ ହୋଇଯାଏ ଚାକିରି ଜୀବନର  ସୁଖଦୁଃଖଭରା ଅନୁଭୂତି ଓ ବ୍ୟକ୍ତିଗତ ଜୀବନର ଜୟ ପରାଜୟର କାହାଣୀ ପର୍ଯ୍ୟନ୍ତ ଏବଂ ଶେଷ ହୁଏ ଆତ୍ମସ୍ତୁତି ଓ ପରନିନ୍ଦାରେ । କହିବା ଅନାବଶ୍ୟକ ଶେଷୋକ୍ତ ଆଲୋଚନା ହିଁ ଆସରଟିର ମୁଖ୍ୟ ଆକର୍ଷଣର ଭୂମିକା ତୁଲାଇଥାଏ।

ଦୈନିକ ସେଇ ସମ୍ମେଳନରେ ଏକ ବିଶେଷ କଥା ପରିଲକ୍ଷିତ ହେଉଥାଏ । ଆସରକୁ ଆସିବା ସମୟଟି ସବୁଦିନ ଭିନ୍ନ ହେଲେ ମଧ୍ୟ ବିଦାୟ ମୁହୂର୍ତ୍ତଟି ସମସ୍ତଙ୍କ ପାଇଁ ସମାନ ହେଉଥାଏ । ସେଥିପାଇଁ କିଛି ନିର୍ଦ୍ଦିଷ୍ଟ ସମୟସୀମା ବା ଅଲିଖିତ ଏଗ୍ରିମେଣ୍ଟ ନଥିଲେ ମଧ୍ୟ କେହି ଜଣେ ବି ଆଗୁଆ ଆସର ଛାଡି ଯିବାକୁ ରାଜି ହୁଅନ୍ତି ନାହିଁ -ଯାହାର ଯେତେ ଅର୍ଜେଣ୍ଟ କାର୍ଯ୍ୟ ଥାଉନା କାହିଁକି। ଏହାର କାରଣ ସ୍ପଷ୍ଟ । ସମସ୍ତେ ଭଲଭାବରେ ଜାଣିଥାନ୍ତି ଯେ ଯେଉଁ ବ୍ୟକ୍ତି ଆସର ଛାଡି ଚାଲିଆସିବ-ପୂରା ଦଳ ଗୋଷ୍ଠୀବଦ୍ଧ ଭାବରେ ତା'ରି ଚୁଗୁଲି କରି ରସାଳ ଆଲୋଚନାରେ ମଜ୍ଜିଯିବେ । ଭୟଟା ଏଇଠି ।

ଏ ମଣିଷମାନେ ପଛରେ ଏମିତି । ଅଥଚ ତୁମ ସାମ୍ନାରେ ଥିବାବେଳେ ଏମାନେ ଖୁବ୍ ଭଦ୍ର ଏବଂ ସହାନୁଭୂତିଶୀଳ।

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪



# ଭୁଲା ମଣିଷ

**ମନୋରମା ମିଶ୍ର**



ଆଦିତ୍ୟ ବାବୁ ତାଙ୍କର ଭୁଲାମନ ଯୋଗୁ ସବୁବେଳେ ଭାରି ହଇରାଣ ହୁଅନ୍ତି । ସମସ୍ତଙ୍କ ଠାରୁ ଗାଳି ଖାଆନ୍ତି ।

କିନ୍ତୁ ପରବର୍ତ୍ତୀ ସମୟରେ ସେ କଥା କିଏ ତାଙ୍କୁ କହିଦେଲେ ଭାରି ରାଗନ୍ତି । ଆଦୌ ମାନନ୍ତିନି । ତେଣୁ ସୁଧୁରିବାର ପଶ୍ନ ଉଠୁନି। ଏମିତି ଏମିତିରେ ପଚାଶ ବର୍ଷ କଟେଇ ଦେଲେଣି । ସ୍ୱାମୀଙ୍କର ଏହି ଗୁଣ ଯୋଗୁ ସ୍ତ୍ରୀ ସବୁବେଳେ ଭାରି ସତର୍କ । ହାତେ ମାପି ଚାଖଣ୍ଡେ ଚାଲନ୍ତି ।

ନୂଆବର୍ଷ ଦିନ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କୁ ଜଣେ ବନ୍ଧୁଙ୍କ ଘରକୁ ଯିବାକୁ ପଡିଲା । ଦୁହେଁ ମୋଟରସାଇକେଲରେ ବାହାରିଯାଇ ମିଠାଦୋକାନ ପାଖେ ଅଟକିଲେ । ସ୍ୱାମୀ ମିଠା କିଣି ଫେରିଆସି ଦେଖନ୍ତି ତ ସ୍ତ୍ରୀ ଗାଡି ଆଗଟାରେ ଜଗିଲା ଭଳି ଠିଆ ହୋଇଛନ୍ତି । ଆଦିତ୍ୟ ବାବୁ କାରଣ ପଚାରିବାରୁ କହିଲେ,"ତୁମର ଯେଉଁ ଭୁଲାମନ,ଯେବେ ଗାଡି ପଛରେ ଛିଡାହେଲି ଷ୍ଟାର୍ଟ କଲତ ,ଉଡିଲ । ବସିଲି କି ନାହିଁ ଦେଖିବନି। ପୁଣି ସଙ୍ଗେ ସଙ୍ଗେ ଆଉ କାହାକୁ ଲିଫ୍ଟ ମାଗି ତୁମ ପାଖେ ପହଂଚିବି ।" ଏକଥା ଶୁଣି ଆଦିତ୍ୟ ବାବୁ ରାଗିଯାଇ କହିଲେ,"ତା'ହେଲେ ମୋ ସଙ୍ଗେ କାହିଁକି ବାହାରୁଛ ?"

ସ୍ତ୍ରୀ ତାଙ୍କର ଆହୁରି ଅଧିକା ରାଗିଯାଇ କହିଲେ,"ନାଇଁ ପଡିଶାଘର ସ୍ୱାମୀ ସଙ୍ଗେ ବାହାରିବି । ସତକଥା କହିଲେ କାହିଁ ରାଗିଯାଉଛ ? ଏ କ'ଣ ଗୋଟିଏ କଥା ! ସେଥର ସେମିତି ବୋଉ ବସ୍ତାଏ ଚାଉଳ ଦେଲେ ଯେ ଗାଆଁରୁ କେତେ କଷ୍ଟରେ ଷ୍ଟେଷନଯାଏ ଆଣିଲା ଟ୍ରେନରେ ମଧ ବସ୍ତାକୁ ଟେକି ଥୋଇ ଜଗି ଜଗି ଆଣିଥିବା ଅଥଚ ଏଠି ଟ୍ରେନରୁ ଓହ୍ଲାଇଲା ବେଳେ ଛାଡିଦେଇ ଆସିଲା ଘରେ ପହଂଚି ବି ମନେପଡୁନି ।"ଏଥର ଚାଉଳ ଆଣିଲନି କି ? ପଚାରିଲାରୁ ଯାଇ ତୁମ ମନେପଡୁଛି । ଆଦିତ୍ୟବାବୁ ଚିଡିଚିଡି ହୋଇ କହିଲେ,"କେଉଁ ଦିନର କଥା ଏବେ କାହିଁକି ପଡିଛି", ଚାଲ ।

ସ୍ତ୍ରୀ ତାଙ୍କର ଆଉ କଥା ନବଢାଇ ଟିକେ ନରମ ହୋଇ କହିଲେ,"ହଉ,ସେ ମିଠା ପ୍ୟାକେଟ୍ ଟା ମୋତେ ଦେଇ ଦିଅ । ବ୍ୟାଗରେ ରଖିଦେବି ।" ଆଦିତ୍ୟ ବାବୁ ହଠାତ୍ କ'ଣ ମନେ ପଡିଗଲା ପରି କହିଲେ,ଏହେଃ ଦୋକାନରେ ରହିଗଲା ।

■■■

**ନୀଳାଦ୍ରି ବିହାର, ଭୁବନେଶ୍ୱର**

**ମୋ - ୮୭୬୩୭୦୦୭୦୪**





# ଅମଲି ନାନୀ

**ଅଞ୍ଜଳି ଆଚାର୍ଯ୍ୟ**

ଲୁରୁପାଲି ଗାଁ । ଅମଲି ନାନୀ ଆମର ଘରେ କାମ କରସନ୍ । ସେଦିନ ଆମେ ଘରକେ ପହଁଚିଲୁଁ କି ଦେଖିକରି ବଢ଼େ ଟେ ଉସତ ହେଇ ଗଲେ । ଇଏବୁଆ ଅଏଲ ,ଏନତା ଆସୁ ଥିବ ପିଲା । ଗାଁ , ମାଁ ର କଥା । ଏଡେ ବଡ ଯାତରା ଥି ଲୋକ ବାକ ଥିଲେ ଭଲ ଲାଗସି । ସକାଲୁଁ ସକାଲୁଁ ବନ୍ଧଘାଟ କେ ଗଲାବେଳେ ଧରତିରାନି ଏଡେ ସିନ୍ଦୂର ଟିକା ମାଖି ଖିଲଖିଲେଇ କରି ହସୁଥିସି । ଗଛପତର ଫୁଲ ଫାନସର ହାର ଗୁଟେ ପିନ୍ଧି ଥିସି ବାଗିର ମତେ ଦିସସି । ଇ ସୁଇନ ବନ୍ଧ ଘାଟ୍ କେ କାଁ କରି ଆଇଛୁ ବଲି ଧରତି ରାନି ମତେ ପଚରାସି ...ମୁଇଁ ବଲସି ରହ ରହ ଲୋକବାକ୍ ଖୁଜୁଛୁ , ଯାତରା ହେବା ଫେର୍ ବନ୍ଧଘାଟ ହସବା । ହଁ ପିଲା , ତା'ର ସାଙ୍ଗେ କଥା ହେସି ବଲ୍ ତ । ହଁ ରେ ଧରତି ରାନି ଆଏଜ କୁଲ୍ ତା ଘରର ଭୁଆସେନ ଅଚାବୁହା ହଉଛେ । ଏଦେ ସେଦେ ହେଲାନ । ଏ ମହାପୁରୁ ରକ୍ଷା କର ତାହାକେ ବଲୁଛେଁ । ହେନ୍ତା ଜୀବନର କନିଆଁ କଥା କାଣା କହେବ , ଦୁଃଖ କେ ଚପେଇ ଚପେଇ ଡାକ୍ତରଖାନା ତକ୍ ଗଲା ,ପିଲାଟେ ଜନମ ହେଲା ବୁଲୁଛୁ... ଏଡେଟେ ପିଲା । ମୁଡଟା ଚେପଟା । ମୁଡେଁ ବସି ନେଇଛେ କିନି । କେଡେ ଦୁଃଖ ରେ ବୁଆ ଇ ସଂସାରେ ଅଛେ ।

ଇ ସବୁ କେ ଦୁଃଖ ବଏଲେ ହେବା ଗା । ସେ ଛୁଆ ତ ଫେର ଫତକି ଫତକି ଖେଲଲେ କେତେ ଭଲ ଲାଗସି ।

ନାନୀ ର ଏନ୍ତାକଥା ସୁଜାତା କେ ଭଲ ଲାଗସି । ହଗୋ ନାନୀ କେନ୍ତା ଅଛ ? ମୁଇଁ କାଣା ହେତି ଲୋ ଟୁକେଲ । ହରିମିସା ଭଲ ଥିସିଁ । ସକାଲୁ ସକାଲୁ କେନତା ଗାଧି ଅଏଲ ନ ? ନାନୀ କହେଲେ ମତେ ଭଲ ନାଇଁ ଲାଗେ ନାଇଁ ଗାଧଲେ । ତେତିଶ କୋଟି ଦେବତା ମୋର ଚାରି କୁତି ଅଛନ୍ । ସକାଲୁ ଗାଧିବୁଡି ମୁଡିଆଟେ ମାରବୁ ବେଳେ ସିନେ । ମତେ ଯେନ୍ ଗୁହାଲ ପକାତି ମାଏଝି ବଲି ଭାଭୁଛ ମୁଇଁ ହେନତା ନୁହେଁ ସେ । ତମର ଘରେ ମତେ ସିଦ୍ଧିପ୍ରାପ୍ତ ହେଇଛେ ।
ସୁଜାତା ନାନି କେ ଭକାଛାନନୁ ଦେଖଲା । କାଣା ଆଏ ସେଟା ନାନୀ ?

ତୁମେ ମାନେ ବୁଝି ନାଇଁ ପାର ପିଲା ନାନୀ କହେଲେ ତାହାକେ ।

କହନ ମୁଇଁ ବୁଝିଯେ । ବନ୍ଧଘାଟୁ ଗାଧି ଆଏଲା ବେଲକେ ମୋର ପଛା ପୋଛ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଲାଇନ ହେଇ କରି ଆସୁଥିସନ । ମୁଇଁ ଜାନୁଛେ ସେମାନେ ଆସୁଛନ୍ । କେତେ ବାଟ୍ ଆଏଲା ପରେ ଲେହେଁଟି ଦେଖିଲି । ଲାଇନ ହେଇଛନ ।ହାତ ଜୁରି ସେମାନକୁ କହେଲି, କାଁ କରି ଆସୁଛ ମୋର ପଛେ ପଛେ କହତ । ସେମାନେ କହେଲେ ,ଆମେ ତୋର ଘରକେ ଯିମୁ ।ମୁଇଁ କହେଲି ଇଏ ବୁଆଗୋ ରକ୍ଷାକର .....କାଁ କରବ ତମେ ମାନେ ଆମର ଘରେ ?ଜାଗା ନାଇଁ ନ ତମକୁ ମାନକୁ ରଖବାର ଲାଗି । ହ ଉ କାଣା ମାଗୁଛୁ ମାଗ କହେଲେ ସେମାନେ । କାଣା ମାଗମି ,ମୋର କାଣା ନାଇଁ ନ ଯେ ! ଦୁରୁ ଜୁହାର ବୁଆ ତମକୁ ବଏଲି । ବନଘାଟର ଧରତିରାନୀ ସେନତା ସିନ୍ଦୂର ଟିକା ମାଖି ଗଜରା ମାଲ ପିନ୍ଧି ମତେ ଦେଖିକରି ହସୁଛେ । ମୋର ଏନ୍ତା କଥା ଶୁନିକରି ହସୁଥିବା ।ହସୁ ଥିଲେ ହସୁ ଥା ବଏଲି !

ସୁଜାତା ବଏଲା ଧନ ଦରବ ଟିକେ ନାଇଁ ମାଗ୍ ତ ? ତୁମେ ତ ଗୁହାଲ ପକଉଛ ,ସୁଖେ ଟିକେ ନାଇଁ ରହେତ କାଏଁ ?

ଇଟା ବୁଝିଛୁରେ ଟୁକେଲ ସୁଖ ବେଲେ କାଣା ଯେ ? କହତ ଧନ ଥିଲେ ଖାଲି ସୁଖ ଥିସି । ଦେଖିବୁ ଯା ପଧାନ ଘରର ସେ ଟୁକେଲ କେ ,ଉଦଲିଆ ପଲେଇଛେ ବଲତା ତଲ ଜାଏତ ର ପିଲାଟେ ସାଙ୍ଗେ । ଟୁକେଲଟେ ଉନଝା ଜାତି ପିଲାଟାକର ସାଙ୍ଗେ ଗଲା । ଡୁକାଲେ କାଏନ ଘରଲୁକେ ଘରକେ ତାହାକେ ।ତାକେ ବିର୍ କଲେ । ମାଡ଼ ଖୁଆବୁ କାଏରେ ପିଲା ଆମକୁ ବଏଲେ । ତୁଇ ବିଠୁଆଁ ହେଲୁ ବିଠୁଆଁ ହେଇକରି ରହ ।ସେ ଦୁହେଁ ଖେତେ ଘର କଲେ । କେଡେ ସୁଖେ ଅଛନ କାଣା କହେବୁ । ରାନୀ ବାଗିର ରଖିଛେ ତା'ର ବର ତାହାକେ । କମଉଛନ କୁଠଉଛନ ଖାଉଛନ ପିଉଛନ ରହିଛନ୍ । ଇ ସବୁ

କଥା ଛାଡ ତ ପିଲା ,ମୋର କଥାଟେ ସୁନ୍ । କାଣା ନାନି କହ । ତମର ଘରର ଇ ଗୁହାଲେ ଯେନ୍ କୁଡେ ପଚିସ୍ ଟା ଗାଏ ଅଛନ୍ ,ଇ ମାନକର ଲାଗି ଦିନ ରାଏତ୍ ବନ୍ଧୁ ମୁଇଁ ପାଏନ୍ ବୁହିଲି । ଖାଇବାର କେ ଦେଇଛେ । ଏତିକିଟେ କାମ କରିଛେଁ ଯେ । ମହାପୁରୁ ସନ୍ତୁଷ୍ଟ ହେଇ ଯାଇଛନ୍ ।

ଜନମ ଟେ ତ ହେଇଛୁ ଇ ଦୁନିଆଁ ର କଥା ଟିକେ ନାଇଁ ଭାବବୁ ବେଲେ ହେବା । ସମାଜର କଥା ଭାବି ଭାବି ମୋର ମୁଡ୍ ଟିକେ ଗରମ ହେଇ ଯାଏସି । ଜଗନ୍ନାଥ ମନ୍ଦିର ଟେ କଲେ ଯେ କେତେ ଆଡୁ କେତେ ଟଙ୍କା  ପଏସା ଠୁଲାଲେ । ଆମର ଲୁକେ ନିହି କୁଡଲେ ,ଏଡେ ମଜବୁତ ନିହି ଯେ ତୋର୍ ଜୀବନେ ନାଇଁ ଦେଖି ଥିବୁ । ହେଇ ସାରିଲା ପରେ ଆମର ଲୁକ୍ କୁ ପାସକେ ପସି ନାଇଁ ଦେବାର । ଇଟା କାଏଁ  କଥା । ସେଥିରେ ଲାଗି ଭାବୁଛେ ସମଲେଇ ମନ୍ଦିର ଟେ ହେତା କାଏଁ ବଲି ।ବୁଲି ବୁଲି କହୁଛେଁ ବଲତ । ଟଙ୍କା ପଇସା  କିଛିଟା ହେଲା ନ ବି । ଭାଗବତ ଗୁଡ଼ି ନୁ ଇ ସବୁ କଥା ବିଚାର କରସୁ । ସେଟା ବଲୁଛୁ ରାଧୁର ପୁଅ ରଖିଛେ ।

ଏ ନାନୀ ତମେ ଏଡେ ଏଡେ କଥା ଭାବୁଛ । ଧ ଏନ୍ ଗୋ ନାନି । ଯାତାରା ହେବାଯେ ଦେଖବୁ କେତେ କିରତନ୍ ପୁଞ୍ଜା ଆଏବେ ଯେ । ମୁଇଁ ଜୁଗିଥିସି ,ଆସୁନ୍ ସାଏର୍ ଚୁଡାଗୁଡ ଦେଲ କାଏଁ ବଲି ପଚରାସିଁ । ଇ ଭିତରୁ ସିନାପାଲି କିରତନ୍ ପୁଞ୍ଜାଏ ବନେ ଆଏ ବଲତ ,ଗାହାକ୍ ଟା ବନେ ଆଏ କିନି । ଇ ସଭେ ଫେର ସକାଲ ପାଏଲେ ବନ୍ଧକେ ଗାଧି ଯିବେ କିନି ।ସେ ତରାର୍ ଘାଟର ପଖନ୍ ଟା ପାନି ଡୁବି ଯାଇଥିଲା ,ତାହାକେ କାଏଲ୍ ମରେଅସ ଘୁଚେଇଛେଁ । ପଖନଟା ଉପରେ ଥିଲେ ସିନେ । ଗାଧବେ କେନତା । କାଠି ଭାଙ୍ଗି ରଖିଛେଁ । ତମେ ମାନେ କାଣା ପିଢ଼ା ମାନକେ ଠିଆହେଇ ଦେଖବ ।

ସୁଜାତା ଭାବି ନାଇଁ ପାରୁ ଥାଇଁ , କିଛି ନାଇଁ ଥାଇ କରି ଲୋକ ଏତେ କଥା ସମାଜର ଲାଗି ଭାବି ପାରୁଛନ୍ । ଧ ଏନ୍ ରେ ଆମର ଜୀବନ । ଦିନ ଗଲେ ରାଏତ୍ ହେଉଛେ,ରାଏତ୍ ଗଲେ ଦିନ ହେଉଛେ । ଖରା ବର୍ଷା ସବୁ ପାର ହେଇ ଯାଉଛେ ।

ସୁଜାତା ନାନିରକଥା ଗୁଟେ ଭାବୁଛେ । କୁଡେବଛର୍ ତଲର କଥା । ସୁଜାତା ର ଶାଶ୍ ଶ୍ବଶୁର ତୀର୍ଥ ଗଲେ ଯେ ନାନି କେ ଘର ଜୁଗେଇକରି ଗଲେ ।ନାନୀର ବର ମାଖନୁ । ମୁଗଫଲି କୁଡା ହେଲା ।  କୁଡଲା ଜାଗାନୁ ତୁମଡେ ମୁଗଫଲି  ମାଖନୁ ତା'ର ଘରେ ଛାଡ଼ି ଆଏଲା ଲୁକେଇ କରି । ନାନି ଫେର ସେ ମୁଗଫଲିକେ ଲୁକେଇକରି ସୁଜାତା କେ ଅନି କରି ଦେଲେ ।କହେଲେ ଏଦେଗୋ ସେ ମୋର ବର ଗୁହୁଖିଆ ତୁମଡେ ତୁମର ମୁଗଫଲି ଆମର ଘରେ ରଖି ନେଇଛେ । ଚୋର ଆଏଗୋ ସେ । ସକାଲୁ ଗୁରସ ଦୁହିଆଏଲା ବେଲେ ଦେଖବ୍ ତ ତାହାକେ ଟିକେ । ସୁଜାତା ଆଉ ତାର ଦିଅର ଲୁକି କରି ଦେଖିଲେ । ପାଟିନୁ ଆଗରୁ ଗିଲାସ ଗୁଟେ ଅନି କରି ଥୁଇଛେ ,ଗଲା ବେଲେ ଗିଲାସେ ଗୁରସ ନେଇ କରି ଘରକେ ଯାଉଛେ । ଇ ସବୁ କଥା ଧରାପଡଲା ପରେ ପଞ୍ଚାୟତ କରମି ବଲି ସୁଜାତା ର ଦିଅର ଜିଦ୍ ଧଏଲେ  ।  ଆମରଟା ଚୁରାବା  ? ପଞ୍ଚାୟତ ବସଲା  ,ମାଖନୁକେ ଦୁଇଶ ଟଙ୍କା ଜରିବାନା ହେଲା ନାନି ଦୌଡ଼ି ଦୌଡ଼ି ଘରକେ ଆଏଲେ, କହେଲେ ହଏରେ ଚୁନା ମୁଇଁ ନାଇଁ କହିଥିଲେ ତୁଇ ଜାନି ଥିଥୁ ? କାଁ କରି ତାହାକେ ଦୁଃଖ ଦଉଛୁ ।   ଛାଡି ନିଅଗା ତାହାକେ , ସେ ଜାନି ନାଇଁ ପାରଲା ।ଏନତା ହେସି  , ପାଖର ମୁନୁଷ ଖରାପ ହେଲେ ଦେଖି ନାଇଁ ହଏଗା ।  ଆଏଜ ମାଖନୁ ବି ନାଇଁ ନ ,ନାନୀ ର ପୁଅ ମାନେ ବଡ଼ ହେଲେନ । ଯେ ଯାହାର ଭାବେ ରହେଲେ ନ । ତଥାପି ଇ ସମାଜର ଚିନ୍ତା ନାନୀ ର ମୁଡୁ ନାଇଁ ଯାଇ ।

ମଏଧାନ୍ ହେଲାନ । ନାନୀ ଫେର ଗାଧି କରି ଆଏଲେ ନ । କାହିଁ ଯାଇଥିଲ ଗୋ ନାନୀ ?
ମତେ ପିଲା ତିନି ଥର  ନାଇଁ ଗାଧଲେ ,ଭଲ ନାଇଁ ଲାଗବାର ।  ଯେ ଇ ଠାଏ ଠାଏ ଖରା ଥି ହଁ ରେ ଟୁକେଲ । ବନ୍ଧକେ କାଣା ଯିବୁ ,ସକାଲର ସିନ୍ଦୂର ମିତାର ସୁରଜ ଦେଖବୁ ଯା ମୁଡ୍ ଉପରେ ନିଆଁ ବରଷଉଛେ । କୁଠିଆ ମାନେ ଗାଧିପାଧି ଲେଙ୍ଗଟିମାରି ତାକର ଘରକେ ଯାଉଛନ୍ । ଇହାଛିନି ଗଲେ ପଖାଲ ମୁଠେ ଖାଏବେ । କାଁ କରିବୁ ଟୁକେଲ ଗଛ ଉପରୁଁ ଚଟିଆ ଗୁଟେ ଢାଏ ହେଇ ପଡଲା । ତରସର୍ ତାହାକେ ଉଣାଲି  ପାଏନ ଟିକେ ପିଆଲି ଆଉ ଗଛର ଡାଲେ ବସେଇ ଦେଇଛେଁ ।ସକାଲେ କାଏଁନ ଧରତିରାନୀ ସିନ୍ଦୂର ଟିକା  ମାଖି ସୁନ୍ଦର ଦିସସି ,ମଏଧାନେ ସୁଖା ଭଙ୍ଗା  । କାଁକରି ଏତେ ଦୁଃଖ ଦଉଛୁରେ ଧରତିରାନୀ ଲୁକକୁ ବାଗିର ଲାଗସି ।


ଯାତରା  ଦିନ ଆଏ ।ରାଏତ ସାରା ଅପେରା ଦେଖି ଲୋକ ସକାଲେ ଆଏଖ ରେତି ରେତି ବନ୍ଧକେ ଯାଉଛନ ।

ନାନୀ ଫିରୁଛନ ବନ୍ଧୁ । ଇ ସମିଆ ଥି ସାହୁ ଘରୁ ଭୂଆସେନ କେ ଧରି କରି ତାର ଶାଶୁ  ଗାଧବାର ଲାଗି ଆସୁଛନ । ନାନୀ କେ ଦେଖିକରି ତାର ଶାଶୁ କହେଲେ ବନେ କରି ମୁଡିଆଟେ ମାରଗା । ଆମର ଗାଁ ର ସମଲେଇ ଆନ ।ଭୁଆସେନ ଢୋକରି ମୁଡିଆଟେ ମାରଲା। ନାନୀ ହାତ ଉଠେଇ କରି ଆଶିର୍ବାଦ କହେଲେ । ଗଖା ଛୁଆଟେ ହଉଗା ତତେ । ହଏଗୋ ନାନୀ ଗଖା ପିଲାଟେ ହେବା ବଲି ଥିତ ସିନେ ।  ନାନୀ କହେଲେ ହେନ୍ତା କହେବ ଯେ ହେବା ? ଯେ ଆଉଛେ ତା'ର କଥା ଭାବତ ଟୁକେଲ୍ ହଉ କି ପିଲା ମୁନୁଷ ଜନମ ପାଇବା କେଡେ ବଡ କଥା ! ଧରତି ରାନୀକେ ଦେଖତ ,ହେ କନକେ କେନତା ଖିଲଖିଲେଇ ହସୁଛେ ଯେ । ସୁଖ ପାଏ ବାର ଟା ସିଖ ଗା ଟୁକେଲ୍ ।

ସୁଜାତା ବେଗପଟା ଜୁଗୁରଉଛେ ।   ନାନି ଆଏଲେ ,ତାହାକେ ଦେଖି କହେଲେ ,ଯାତରା ସରଲା ତମେ ଯିବ ? ହଁ ନାନୀ ଆମେ ଯିମୁ । ଏ ସୁନ୍ ତ ତୋର ଶାଢ଼ୀ ଆଉ ଟଙ୍କା କେତେ ଦେଇକରି ଯିବୁ । କାଁ କରି ମୁଇଁ କହୁଛେଁ କି ମୋର ବହମାନେ ଦେଖସନ୍ ଗା । ସୁଜାତା ର ଆଖି ଲହ ବୁହି ଗଲା । ଦେଖ ତରେ ଇ ମୁନୁଷର କଥା, ଶାଢ଼ୀ ନେବେ ଯେ ଦେବେ ବହ କେ , ଟଙ୍କା ନେବେ ଯେ ଦେବେ ନାତି କେ । ନାନୀ କେ ଲୁକେଇ  କରି ଲହ ପୁଛି ପୁଛି କହେଲା ହଁ ନାନୀ ଦେଇ କରି ଯିମି ।

■■■

**ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,**
**ଭୁବନେଶ୍ୱର୍**
**ମୋ : ୭୮୯୪୭ ୩୫୪୦୦**




**ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା ଅଞ୍ଜଳି ଆଚାର୍ଯ୍ୟଙ୍କର ଅନୁବାଦିତ ଗଳ୍ପ ସଂକଳନ 'ଚର୍ଚ୍ଚିତ ଗଳ୍ପଗୁଚ୍ଛ'**



# ଅନୁତାପ

**ଶ୍ରୀମତୀ ସୁମନିକା ମିଶ୍ର**

ପ୍ରବଳ ପବନ ସହିତ ତୁହା କୁ ତୁହା ବର୍ଷା। କଳା ମେଘ ରେ ଆଚ୍ଛାଦିତ ଆକାଶ। ସନ୍ଧ୍ୟା ସମୟ ହେଇ ଆସିଲାଣି। ତାଙ୍କ ଅନ୍ଧାରୁଆ ଡ୍ରଇଂ ରୁମ୍ ରେ ଚୌକି ପକେଇ ନବୀନ ବାବୁ ବସିଛନ୍ତି ବାଲକନୀ କୁ ମୁହଁ କରି। ଚୌକି ରୁ ଉଠି ଲାଇଟ୍ ସ୍ୱିଚ୍ ଟା ଅନ୍ କରିବାକୁ ବି ଇଚ୍ଛା ହଉନି ତାଙ୍କର। ତାଙ୍କ ସ୍ତ୍ରୀ ନିରୁ ଏଇ ବୟସ ର ମଧ୍ୟାହ୍ନ ରେ ତାଙ୍କୁ ଛାଡି ଚାଲିଗଲା ପରେ ତାଙ୍କ ଜୀବନ ଟା ବି ଯେମିତି ଅନ୍ଧକାରମୟ ହେଇଯାଇଛି। ପୁରୁଣା ଦିନ ସବୁ ନବୀନ ବାବୁ ଙ୍କ ଆଖି ଆଗରେ ନାଚି ଯାଉଥିଲା ଆକାଶ ର ଭସା ବାଦଲ ପରି।

ବର୍ଷା ହେବା କ୍ଷଣି ନିରୁ ତେଲ କଡ଼େଇ ବସେଇ ଦଉଥିଲେ ସ୍ୱାମୀ ଙ୍କର ମନ ପସନ୍ଦ ଗରମ ଗରମ ପକୁଡ଼ି ଛାଣିବାକୁ। ତା ସାଙ୍ଗକୁ ବାମ୍ଫ ଉଠୁଥିବା ଅଦେଇଚ ଚା ଧରି ହାଜିର୍ ହେଇ ଯାଉଥିଲେ ନିରୁ ଠିକ୍ ବର୍ଷା ଆରମ୍ଭ ହେଲା ବେଳକୁ। ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ମନ ଭରି ଉପଭୋଗ କରୁଥିଲେ ନବୀନ ଉଭୟ ବର୍ଷା ର ରିମଝିମ୍ ସ୍ୱର ଏବଂ ପକୁଡ଼ି ର ଚଟପଟା ସ୍ୱାଦ କୁ। ନିରୁ ପାଖରେ ବସିକି ମଝିରେ ମଝିରେ ପଚାରୁଥିବେ "ସାଙ୍ଗରେ ମୁଢ଼ି ଟିକେ ଦେବି କି," ପୁଣି ଟିକିଏ ଛାଡ଼ିକି ପଚାରିବେ "କଞ୍ଚା ଲଙ୍କା ଦିଟା ଛାଣି ଦେବି କି", ହୁଏତ ଏଇ ଆଶା ରେ କି ନବୀନ ଙ୍କ ମୁହଁ ରୁ ଥରେ ଶୁଣିବେ ଯେ ପକୁଡ଼ି ଟା ଭଲ ହେଇଛି। କିନ୍ତୁ ନବୀନ ତାଙ୍କର ପୁରୁଷପଣିଆ ର ଅହଙ୍କାର ରେ କେବେ ପ୍ରଶଂସା କରି ପାରନ୍ତିନି ସ୍ତ୍ରୀ ର। ସେ ଅହଙ୍କାର ବି ନିରୁ ସାଥିରେ ପଳେଇଲା ଆର ପାରିକୁ।

ନିରୁ ହସ୍ପିଟାଲ ରେ ଆଡମିଟ୍ ହେବା ପୂର୍ବ ଦିନ ଅଜସ୍ର ଗରଜି ଥିଲେ ନବୀନ ତାଙ୍କ ଉପରେ ଏକ ସାମାନ୍ୟ କଥାରେ। ନବୀନ ଗାଧୁଆ ସାରିକି ଆସିଲା ବେଳକୁ ସାର୍ଟ ଟା ଆଇରନ ହେଇ ନଥିଲା ତାଙ୍କର। ରାଗ ତମତମ ସ୍ୱର ରେ କହିଥିଲେ ଏତେ ସମୟ ଘରେ ବସିକି କରୁଚ କଣ, ଗୋଟେ ବି ସାର୍ଟ ଆଇରନ ହେଇନି, କଣ ପିନ୍ଧିବି ମୁଁ। ଉତ୍ତର ରେ ନିରୁ ତାଙ୍କର ଦେହ ଭଲ ଲାଗୁନଥିବା ଜଣେଇ ଥିଲେ। ଆଉ ତାପରେ କଡା ବାକ୍ୟ ବାଣ ର ବର୍ଷା ହେଇଗଲା ନବୀନ ଙ୍କ ପାଟିରୁ, "କଉଦିନ ତମ ଦେହ ଭଲ ଥାଏ କହିଲ, କ୍ୟାଲେଣ୍ଡରେ ନେଇକି ଯଦି ଗୋଲ ବୁଲେଇବ ପାଞ୍ଚ ଟି ଗୋଲ ବୁଲିବ କି ନାହିଁ ସନ୍ଦେହ ବର୍ଷ ଟେ ଭିତରେ, ଯେଉଁଦିନ ତମର ଦେହ ଭଲ ଥିବ"। ନିରୁ କିଛି ନକହି ସାର୍ଟ ଖଣ୍ଡେ ଆଇରନ କରିକି ଦେଇଦେଲେ ତାଙ୍କୁ। ସେହିଦିନ ରାତିରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଗଲା ନିରୁ ଙ୍କର। ଆମ୍ବୁଲାନ୍ସ ଡାକି ହସ୍ପିଟାଲ ରେ ଭର୍ତ୍ତି କରାଗଲା ତାଙ୍କୁ। ଜଣାପଡ଼ିଲା କୋରୋନା ରେ ଆକ୍ରାନ୍ତ ହେଇ ତାଙ୍କ ଫୁସଫୁସ୍ ସଂକ୍ରମିତ ହେଇ ଯାଇଛି। ଡାକ୍ତର ମାନଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ରେ କିଛି ଉନ୍ନତି ହେଉ ନଥାଏ। ଦିନ କୁ ଦିନ ଅକ୍ସିଜେନ୍ ଡିମାଣ୍ଡ ବଢ଼ି ଚାଲିଥାଏ। ଠିକ୍ ଚାରିଦିନ ପରେ ନବୀନ ଙ୍କୁ ବି ଜ୍ୱର କାଶ ଆରମ୍ଭ ହେଲା। ହେଲେ ଡାକ୍ତର ଙ୍କ ପରାମର୍ଶ ରେ ଔଷଧ ଖାଇ ସପ୍ତାହେ ମଧ୍ୟ ରେ ଭଲ ହେଇଗଲେ। ଡାକ୍ତର କହିଲେ ଆପଣଙ୍କ ଇମ୍ୟୁନିଟୀ ଭଲ ସେ ଯୋଗୁଁ ଆପଣଙ୍କୁ ବେଶି ହେଲା ନାହିଁ। ନବୀନ ମନେ ମନେ ଭାବିଲେ ହଁ କାହିଁକି ବା ହବନି କୋରୋନା ଆରମ୍ଭ ହେବା ଦିନରୁ ନିରୁ ତାଙ୍କର ଖାସ୍ ଯତ୍ନ ନେଉଥିଲେ। ତାଙ୍କର ଡାଇବେଟିସ ଅଛି ବୋଲି, ଦିନ କୁ ଦି ଥର କାଢ଼ା ବନେଇକି ଦେଉଥିଲେ, ନବୀନ ବାହାରୁ ଆସିକି ଧୁଆଧୋଇ ହେବା କ୍ଷଣି ତାଙ୍କୁ ଇଁହେଲୋର୍ ରେ ଗରମ ବାମ୍ଫ ସଜାଡି କି ଦେଉଥିଲେ, ବାହାରକୁ ଗଲାବେଳେ ତାଙ୍କ ପକେଟ୍ ରେ ଏକ୍ସଟ୍ରା ଆଉ ଗୋଟେ ମାସ୍କ ଦେଉଥିଲେ, ଆଉ ବା କୋରୋନା ତାଙ୍କର କଣ ବିଗାଡି ପାରିଥାନ୍ତା। ଠିକ୍ ସେତିକି ବେଳେ ହସ୍ପିଟାଲ୍ ରୁ ଫୋନ୍ ଆସିଲା ନିରୁ ଙ୍କ ଖବର ନେଇ ଯେ ସେ ଆଉ ନାହାନ୍ତି।

ବେଡ଼ରୁମ ରେ ପଡ଼ିଥିବା ନାଲି ପ୍ଲାଷ୍ଟିକ ଚୌକି ଉପରେ ଏବେ ବି ସେମିତି ମୁକୁଳା ହେଇ ପଡ଼ିଛି, ନିରୁ ହସ୍ପିଟାଲ୍ ଯିବା ବେଳେ ବଦଳେଇ ଦେଇ ଯାଇଥିବା ନାଲି ସୂତା ଶାଢ଼ୀ ଖଣ୍ଡିକ। ତାକୁ ଭାଙ୍ଗିକି ରଖିବା କଥା କେବେ ମୁଣ୍ଡ କୁ ବି ଆସିନି ନବୀନ ଙ୍କର। କାରଣ ନିରୁ କେବେ କରିବାକୁ ହିଁ ଦେଇନାହାନ୍ତି କିଛି କାମ ଘରର କି ତାଙ୍କର ଅହଙ୍କାର କେବେ ତାଙ୍କୁ ନିରୁ ଙ୍କୁ କେଉଁ କାମ ରେ ସାହାଯ୍ୟ କରିବାକୁ ଦେଇନି। ଭାରି ବଢିଆ ମାନୁ ଥିଲା ନିରୁ ଙ୍କୁ ଏଇ ଲୁଗା। ସକାଳୁ ଗାଧୁଆ ସାରି ଏଇ ଶାଢ଼ୀ ପିନ୍ଧି ବାଲକୋନୀ ରେ କୁଣ୍ଡ ରେ ଥିବା ତୁଳସୀ ଗଛ ମୂଳେ ଯେବେ ପାଣି ଢାଳି ମୁଣ୍ଡ ନୁଆଁଇ ଚାଲି କି ଆସନ୍ତି ନାଲି ସାଧବ ବହୁ ଟେ ପରି ଲାଗୁଥିଲେ। ହେଲେ ସେଇ ପୁରୁଷ ହବାର ଗର୍ବ ନବୀନ ଙ୍କୁ କେବେ ମିଠା କଥା ପଦେ କୁହାଇ ଦେଇନି ନିରୁ କୁ। କେତେ ସ୍ୱପ୍ନ, କେତେ ଆଶା ନେଇ ସେ ନବୀନ ଙ୍କ ହାତ ଧରି ଏ ଘରକୁ ଆସିଥିଲେ। ରଜନୀଗନ୍ଧା ର ମହ ମହ ବାସ୍ନା ଭରା ସେ ରାତିରେ ଖାଲି ଗୋଟେ କଥା ସେ ମାଗିଥିଲେ, "ଯେମିତି ଧୁମ୍ ଧାମ୍ ରେ ମୋ ମଥା ରେ ସିନ୍ଦୂର ଆଉ ହାତରେ ଶଙ୍ଖା ପିନ୍ଧେଇ ମତେ ଏଇ ଘରକୁ ଆଣିଛ ସେମିତି ଧୁମଧାମ୍ ରେ ମତେ କାନ୍ଧରେ ଟେକି ନେଇ ଏଇ ଘରୁ ବିଦା କରିବ"। ଗର୍ବ ଭରା ସ୍ୱର ରେ ଖାଲି ଗୋଟିଏ ପଦରେ ତାର ଉତ୍ତର ରଖିଥିଲେ ନବୀନ "ହଉ"। ସିଏ ତ ସ୍ତ୍ରୀ ହବାର ସବୁ ଦାୟିତ୍ୱ ତୁଲାଇଥିଲେ ହେଲେ ନବୀନ ସବୁଦିନ ଏକ ପୁରୁଷ ହେଇ ରହିଗଲେ, କେବେ ଜଣେ ସ୍ୱାମୀ ହେଇ ପାରିଲେନି। ଅନେକେ କୁହନ୍ତି ଭଗବାନ୍ କାହାର ଗର୍ବ ସହି ପାରନ୍ତିନି। ହୁଏତ ସେଇ ଯୋଗୁଁ ନବୀନ ଙ୍କ ସେଇ "ହଉ" ଶବ୍ଦ ର ମୂଲ୍ୟ ରଖିଲେନି ଠାକୁର, ଆଉ ନିରୁ ଙ୍କୁ ଏମିତି ଏକାନ୍ତ ରେ ଶେଷ ଯାତ୍ରା କରିବାକୁ ପଡିଲା ବିନା ଶୋର୍ ଶବ୍ଦ ଭିତରେ।

ଆଖିରୁ ଧାର ଧାର ଲୁହ ଗଡି ଯାଉଥିଲା ନବୀନ ଙ୍କର। ଅନୁତାପ ର ଜ୍ୱାଳା ରେ ଜାଳୁଥିଲେ ସେ ନିରୁ ଙ୍କ ଯୁଇ। ହେଲେ ଏଇ ଦୋଷ ର ଆଉ କିଛି କ୍ଷମା ନଥିଲା। ନିରୁ ତ ଆଉ ନାହାନ୍ତି କାହାକୁ ବା କ୍ଷମା ମାଗିବେ, ଗାଧୁଆଘର ଦର୍ପଣ ରେ ଲାଗିଥିବା ନିରୁ ର ସେ ନାଲି ଟିକିଲି କୁ ନା ଡ୍ରେସିଂ ଟେବୁଲ୍ ରେ ଥିବା ସେଇ ରୁପା ସିନ୍ଦୁର ଫରୁଆ କୁ ନା ବାଲକୋନୀ ରେ ସୁଖୁଥିବା ତାଙ୍କର ଗେରୁଆ ଗାମୁଛା ରୁ ବାହାରୁଥିବା ଲକ୍ସ ସାବୁନ୍ ର ମହମହ ବାସ୍ନା କୁ। ସେମିତି ଅନୁତାପ ର ବୋଝ ବୋହିଥିବା ଆତ୍ମା କୁ ନେଇ ବଞ୍ଚିବାକୁ ହବ ବାକିତକ ଜୀବନ। ଏଇ ଆଶା ରେ କି ଯେବେ ଆରପାରି ରେ ଦେଖା ହବ ନିରୁ ସହ ତାଙ୍କୁ କୁଣ୍ଢେଇ କି କ୍ଷମା ମାଗି ମୁକ୍ତି ପାଇବେ ଏଇ ଅନୁତାପ ର କଷ୍ଟ ରୁ।

■■■

ପ୍ଲାନୋ, ଟେକ୍ସସ୍, ଆମେରିକା

# ନୂଆବର୍ଷ - ଦୁଇଟି ଅଣୁଗଳ୍ପ

ବିନୋଦିନୀ ଗଉଡ଼



## ଶୁଭେଚ୍ଛା ପତ୍ର

ନୂଆବର୍ଷ ଆସିଲେ ହିଁ ମନେପଡେ ଶୁଭେଚ୍ଛା ପତ୍ରର କଥା...ନାଲି,ନେଳି, ସବୁଜ କାଳିରେ ଲେଖା ହୃଦୟର ଭାଷା। ଆଭାର ମନେ ପଡୁଥିଲା ସ୍କୁଲ, କଲେଜ ଦିନରେ ଗ୍ରିଟିଙ୍ଗସ କାର୍ଡ ଦେବା ପାଇଁ ପ୍ରଥମେ ସାଙ୍ଗ ମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ପଡୁଥିଲା, କେଉଁ ସାଙ୍ଗର ପସନ୍ଦ ସୁନ୍ଦର ପ୍ରକୃତି, କାହାର ଫୁଲ ପ୍ରଜାପତି, କିଏ ଜଗନ୍ନାଥ ପ୍ରେମୀ ତ' କିଏ ଫିଲ୍ମଷ୍ଟାର ପାଗଳିନୀ । ସମସ୍ତଙ୍କ ମନ ମୁତାବକ ଗ୍ରିଟିଙ୍ଗସ୍ କାର୍ଡ କିଣିବା ପାଇଁ ରାସ୍ତା କଡ଼ରେ ଥିବା ଗ୍ରିଟିଙ୍ଗସ ଦୋକାନରୁ ବୁଲିବୁଲି କାର୍ଡ ବାଛିବାରେ ଥିଲା ଅଫୁରନ୍ତ ଆନନ୍ଦ।

ଆଜିକାଲିର ଡିଜିଟାଲ ଦୁନିଆରେ, ସୋସିଆଲ ମିଡିଆରେ ପ୍ରେରିତ ଦୁଇଧାଡ଼ି ଶୁଭେଚ୍ଛା ବାର୍ତ୍ତାରେ ସେଇ ହାତଲେଖାର ମହକ କାହିଁ? ସ୍ମୃତିର ପେଡ଼ି ଖୋଲି ଅତୀତକୁ ସାଉଁଟୁଥିଲା ଆଭା।ଶୁଭେଚ୍ଛା ପତ୍ର ଗୁଡ଼ିକ ଧରି ଅନ୍ୟମନସ୍କ ହୋଇ ପଡୁଥିଲା, ଶିହରଣ ଖେଳି ଯାଉଥିଲା ଦେହରେ ତା'ର। ଆରେ .. ଆଦିତ୍ୟଙ୍କର ସେଇ କାର୍ଡଟା ଦେଖା ଯାଉନି ଯେ, କୁଆଡେ ଗଲା.. ବ୍ୟସ୍ତ ହୋଇ ଚାରିଆଡେ ଖୋଜୁଥିଲା ସେ । ହଠାତ୍ ବହିଥାକରୁ ଠପ୍ କିନା ଗଳି ପଡ଼ିଲା ସେଇ ଗ୍ରିଟିଙ୍ଗସ କାର୍ଡଟି। ଅତି ଆଦରରେ ଛାତିରେ ଭିଡି ଧରିଲା ଆଭା.. ଆନନ୍ଦର ଅଶ୍ରୁ ବହି ଯାଉଥିଲା ଆଖିପତା ଛୁଇଁ। ସବୁଜ କଭର୍ ଭିତରେ ଫୁଲ ଆଉ ମହମବତୀର ସୁନ୍ଦର କାର୍ଡଟି, ଯେଉଁଠି ହୃଦୟର ସବୁ ଅରୁଣିମା ନିଗାଡି , ଆଦିତ୍ୟ ଲେଖିଥିଲେ ଗୋଟିଏ ଧାଡି ..

'May Heavens choicest blessings be showered on you'.

ତାଙ୍କ ଭଲପାଇବାର ପ୍ରଥମ ଉପହାର, ତା' ପାଇଁ ଅତି ପ୍ରିୟ..ଅତି ମୂଲ୍ୟବାନ।

## ବିଦାୟ ଓ ସ୍ୱାଗତ

ଡିସେମ୍ବର ମାସର ଏକ ନିଆରା ବାସ୍ନା ଥାଏ। ଗତାୟୁ ବର୍ଷ ପାଇଁ ବିଦାୟର ବିଷାଦ, ଆଗାମୀ ବର୍ଷ ପାଇଁ ସ୍ୱାଗତର ଉଚ୍ଛ୍ୱାସ ଭିତରେ ସରି ଆସୁଥାଏ ସମୟର ଆୟୁଷ।

ପ୍ରତିବର୍ଷ ଡିସେମ୍ବର ୩୧ ତାରିଖ ଆସିଲେ, ଆଦିତ୍ୟ ମନେ ପକାନ୍ତି କଲେଜର ଫାଇନାଲ ଇୟର କଥା। ହଷ୍ଟେଲ ସାଙ୍ଗ ମାନଙ୍କ ମେଳରେ ନୂଆବର୍ଷ ର ସ୍ୱାଗତ ପାଇଁ ପାର୍ଟିର ଆୟୋଜନ ହୋଇଥାଏ।

ସେ କିନ୍ତୁ ପ୍ରତୀକ୍ଷା କରୁଥିଲେ

ଆଭାର ଉତ୍ତରକୁ, ନିଜ ମନକଥା ଲେଖି ଯେଉଁ ଚିଠି ପଠେଇଥିଲେ, କଣ ଲେଖିଥିବ ସେ, ଏଇ କଥା ଭାବି ଅନେକ ରାତି ନିଦ ହୋଇନି ତାଙ୍କୁ।

ଚିଠି ଆସିଥିଲା, କିନ୍ତୁ ତାହା ଭସେଇ ଦେଇଥିଲା ତାଙ୍କୁ ଦୁଃଖର ସାଗରରେ।

ତାଙ୍କ ସମ୍ପର୍କକୁ ଆଭାର ପରିବାର ଲୋକ ସହଜରେ ଗ୍ରହଣ କରିନଥିଲେ। ନିରାଶାରେ ଭାଙ୍ଗିପଡି ତାକୁ ଭୁଲି ଯିବାପାଇଁ ଅନୁରୋଧ କରିଥିଲା ସେ ଚିଠିରେ। କାହାକୁ ବିଦାୟ ଜଣାଇବା ଯେ କେତେ କଷ୍ଟ ଦାୟକ, ସେ ସମୟ ହେଉ କି ସାଥିଟିଏ..., କେବଳ ଅନୁଭବି ହିଁ ଜାଣିପାରେ ।

ସାଙ୍ଗମାନେ ନୂଆବର୍ଷର ସ୍ୱାଗତ ପାଇଁ ମଜା,ମଜଲିସ୍ କରୁଥିବା ବେଳେ, ସେ ଲୁହରେ ଭିଜି ଯାଇଥିଲେ ଏକାଏକା, କେବେ ମଦ ଛୁଇଁ ନଥିବା ପିଲାଟି, ଡ୍ରିଙ୍କ୍ କରି ଭୁଲିବାକୁ ଚେଷ୍ଟା କରୁଥିଲେ ଆଭାକୁ,ତାର ଅସହାୟତାକୁ। ଆଖି ଆଗରେ ଖାଲି ନାଚି ଯାଉଥିଲା ଚିଠିର ଗୋଟିଏ ଧାଡି -

' ବିଦାୟ ବନ୍ଧୁ ବିଦାୟ....'।

ସେଇ ଗହଳି ଭିତରୁ ମୁକୁଳି ଆସ୍ତେ କିନା ଫେରି ଯାଇଥିଲେ ନିଜ ରୁମ୍ ଭିତରକୁ।

ମନଦୁଃଖରେ କେତେବେଳେ ଶୋଇ ପଡିଛନ୍ତି ଜାଣି ନାହାନ୍ତି, ନୂଆବର୍ଷର ନୂଆ ସକାଳ କିଛି ଆଶା ଆଉ ସମ୍ଭାବନାର କିରଣ ବୁଣି ଦେଉଥିଲା ଯେମିତି।

ସେହିବର୍ଷ ପ୍ରଥମ ଥର ଲୁହରେ ବିଦାୟ ଦେଇଥିଲେ ପୁରୁଣା ବର୍ଷକୁ, ଲୁହରେ ସ୍ୱାଗତ କରିଥିଲେ ନୂଆବର୍ଷକୁ।

ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ପରବର୍ତ୍ତୀ ସମୟରେ ହସର ଫୁଲ ହୋଇ ଆଭା ମହକାଇ ଦେଇଥିଲେ ତାଙ୍କ ଘର ଅଗଣାକୁ। ଏଇ ତ ଜୀବନ .....।

■■■

କ୍ୱାଟର୍ ନଂ – ଉ୧-୧ / ୧,ନିଉ ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ତା'ପରେ...

ପ୍ରଜ୍ଞା ମହାନ୍ତି



ଆମ ରୋଷେଇଘର ଝରକା ଦେଇ  ପୁରୋହିତ ଦିଦିଙ୍କସ୍କାଇଲାଇଟ୍ ସ୍ପଷ୍ଟ ଦେଖାଯାଏ। ଏଇ କିଛିଦିନ ହେଲା ଝରକା ଖୋଲିଲା ବେଳକୁ ଦେଖୁଛି ଦୁଇଟି ବେଶ୍ ଡଉଲଡାଉଲ ପାରା ବସି ଘୁଟରଘୁଁ କରୁଛନ୍ତି ।କିଛିସମୟ ବସୁଥିବେ ପୁଣି ଉଡିଯାଇ ଖାଦ୍ୟ-ସଂଗ୍ରହ କରି ଆଣିବେ,ମିଳିମିଶି  ଖାଉଥିବେ, ଦିନ ତମାମ ତାଙ୍କର ଏଇକାମଲାଗିଥାଏ।ଦିନେ ରୋଷେଇ କରୁକରୁ ନଜର ପଡିଗଲା, ସେମାନେ କାଠିକୁଟାଗଦାଇବାରେ ବ୍ୟସ୍ତ । କେତେବେଳୁ ପଛରେ ଛିଡାହୋଇ ମୋତେ ଲକ୍ଷ୍ୟ କରୁଥିବା ଅଶୋକା ଭାଉଜ କହିଲେ, ଲେଖିକା ମହାଶୟା  ଶୁନ୍ଯତାକୁ ଅନାଇ କଣ ଭାବୁଛ କି ?   ନା'ମ  ଭାଉଜ...ଦେଖୁନାହାନ୍ତି ଏପାରା ଦିଟା ସାଂଗହୋଇବୁଲୁଥିଲେ,ଏବେ ଘର ବସାଇବାକୁ  ବସିଲେଣି! 'କଣ ରେଜେଷ୍ଟ୍ରିମ୍ୟାରେଜ କଲେ ନା ଲିଭ୍ଇନରିଲେସନ୍ ରେ ରହୁଛନ୍ତି'?ତାଙ୍କ ଥଟ୍ଟାଳିଆ କଥାରେ ମୁଁ ହସିପକାଇଲି ।ପିଲାବେଳୁ ମୋର ଚଢେଇ ମାନଙ୍କ ପ୍ରତି ଦୁର୍ବଳତା । କିନ୍ତୁ ପୋଷିବାକୁ ଭଲପାଏନା।  ଜଣେ କହୁଥିଲେ ସେ ଗୋଟେ ମିଠୁ ପୋଷିଥିଲେ। କୁଆଡେଗଲେ ତାକୁ ପଡିଶାଘରେ ରଖିଯାଆନ୍ତି । ଥରେ କିନ୍ତୁ ବାହାରକୁ ବୁଲିଗଲାବେଳେ ମିଠୁକୁପଡିଶାଘରେ ଦେବାକୁ ଭୁଲିଗଲେ। ପଞ୍ଜୁରୀ ଭିତରେ ବନ୍ଦ ଘରେ ରହିଗଲା ମିଠୁ। ବେଶ୍ କିଛିଦିନ ପରେ ସେମାନେ ଫେରିଲାବେଳକୁ ସୁଖିସୁଖି ମରି ସାରିଥିଲା ସେ। ସାମାନ୍ୟ ଦୁଃଖ ର ସହ ଚୁଃଚୁଃଭାବ ନେଇ ସେ ଘଟଣାଟି ଜଣାଇଥିଲେ। କିନ୍ତୁ ପିଞ୍ଜରାବଦ୍ଧମିଠୁ ର ମମନ୍ତୁଦ  ମୃତ୍ୟୁ ବହୁଦିନ ଧରି ମତେ ମର୍ମାହତ କରୁଥିଲା। ମଣିଷ କାର୍ଯ୍ୟ କରିବାକୁ ଯେମିତି ହାତଗୋଡ ଶରୀରଲାଭ କରିଛି ଠିକ୍ ସେମିତି ସ୍ୱଛନ୍ଦ ଜୀ-ବନଯାପନ ପାଇଁ ବିହଗଂ ଡେଣା ର ଅଧିକାରୀ। ନିଜ ମନୋରଞ୍ଜନ ପାଇଁ ତାକୁ ପିଞ୍ଜରାବଦ୍ଧ କରିବା  କେଉଁ ବୁଦ୍ଧିମାନ କଥାଟା!  ଡେଣା ହେଉ ବା ମନ ମସ୍ତିଷ୍କ ଶରୀର, କି ମୂଲ୍ୟ ଯାହାର ମୂଲ୍ୟାଙ୍କନ ହୋଇନପାରିଲା! ସାହାଯ୍ୟ କରିବା ଭିନ୍ନ କଥା,କିନ୍ତୁ ଜଣେ ଆତ୍ମନିର୍ଭର କ୍ଷମତାସଂପର୍ଣ୍ଣ  ସତ୍ତାକୁ  ଦୟାଭାବ ପ୍ରଦର୍ଶନ କରି ପରଜୀବୀ କରିଦେବା ଏକପ୍ରକାର ପ୍ରକୃତି ବିରୁଦ୍ଧ କାମ।

ଛୁଟି କଟାଇବାକୁ କେତେବେଳେ ବାପଘରକୁ ତ କେବେ ଶଶୁରଘର କୁ ବେଡିଙ୍ଗ ବାନ୍ଧୁଥିବା ଜୀବନରେ କୌଣସୀ ଜୀବଜନ୍ତୁ ପାଳିବାର ଇଚ୍ଛାକୁ ସେ ଘଟଣା ଶୁଣିବା ପରଠାରୁ ମୁଁ ମାରି ଦେଇଥିଲି।ଭୁଲିଯାଇଥିବା ଘଟଣାଟି ଆଜି ମନରେ ପୁଣି ଉଖୁରିଗଲା। ଏକ ଦିର୍ଘନିଶ୍ୱାସ ନେଇ ମୁଁ ଘରକରଣା ଯୋଗାଡରେ ହାଲିଆ ହୋଇପଡିଥିବା ପାରାଦୁହିଁଙ୍କ ପାଇଁ ମୁଠାଏ ଚାଉଳ ଥୋଇଦେଲି। ସହଜେ ବିଶ୍ୱାସକରି ସେମାନେ ପାଖକୁ ଆସିଲେ ନାହିଁ । ମୁଁ  ପଛକୁ  ଘୁଞ୍ଚିଆସିବା ପରେ ଡେଣା ଫଡଫଡ କରି ଉଡିଆସି ଚାଉଳ ଖୁଣ୍ଟିବାକୁ ଲାଗିଲେ।କ୍ରମେ  ମୁଁ ମୁଠାଏ ଚାଉଳ ଝରକା ଉପରେ ଥୋଇବା ପର୍ଯ୍ୟନ୍ତ ସେମାନେ  ଅପେକ୍ଷା ରେ ରହିଲେ । ଯେଉଁ ଦିନ ଡେରି ହୋଇଯାଏ, ଝରକାପାଖରେ ଡେଣା ଫଡଫଡ କରନ୍ତି । ଚାଉଳଦେଲେ ହାତରୁନେଇ ନିସଂଙ୍କୋଚରେ  ଖାଇଯାଆନ୍ତି । ସେମାନଙ୍କ ଚଞ୍ଚୁରେ ଚାଉଳ ଉଠାଇ  ଗ୍ରୀବା ଦୋହଲାଇ ଚଳଚଞ୍ଚଳ ଦୃଷ୍ଟି ଢାଳିବାର ରୋଚକଦୃଶ୍ୟ କୁ ମୁଁ ମୋ ପରିବାର ସହ ବେଶ୍ ଉପଭୋଗ କରିବା ରୁଟିନ୍ ରେ ପରିଣତ ହେଲା ।

ଦିନେ ଦେଖିଲି ମା'ପାରାଟି ଅଣ୍ଡା ଉଷୁମାଉଛି। ସେହି ଦିନଠାରୁ ମୁଁ  ଦୁଇମୁଠା ଚାଉଳ ଥୋଇଲି। କିଛିଦିନ ପରେ ସକାଳୁ ଝରକା ଖୋଲିଲା ବେଳକୁ ସେଇ କୁଟାକାଠି ର ବିଛଣା ଉପରେ କୁନିକୁନି ଶାବକ ଦୁଇଟି। ମା'ବାପ ଦୁଇଜଣ ଜୁଳୁଜୁଳୁ ଅନାଇ ରହିଥାନ୍ତି । ମୁଁ ତରତର  ହୋଇ ତିନିଚାରି ମୁଠା ଚାଉଳ ଥୋଇ ଛୋଟ ଗିନାଟିରେ ପାଣି ରଖିଦେଲି। ମୋ ମନକୁ ଆସିଲା ଖାଇସାରି ପାଣିଟୋପେ ପାଇଁ ଏଅବସ୍ଥାରେ କୁଆଡେ ବୁଲିବେ। ବାସ୍ ଆରାମରେ ଖାଇପିଇ କୁନି ଶାବକ ଗୁଡିକ ମା'ବାପଙ୍କ ସହ ବଢିବାକୁ ଲାଗିଲେ। ଏହା-ଭିତରେ ପୁଅର ସ୍କୁଲ ଛୁଟିହେଲା। ଆଠଦିନ ପାଇଁ ଆମେ ବୁଲିବାପାଇଁ ଗଲୁ।ଏହା ଭିତରେ ପାରାଗୁଡିକ ମନେପଡିନଥିଲେ ନୁହେଁ କିନ୍ତୁ  ସେମାନେ ଯେ ମୁକ୍ତ ! ପ୍ରକୃତି ଛତ୍ରେ ଛତ୍ରେ ତାଙ୍କ ପାଇଁ ଖଞ୍ଜିଛି ଖାଦ୍ୟ । କେବଳ ଅନ୍ୱେଷଣ କରିନେବା କଥା। ମଣିଷ ସିନା ବହୁବର୍ଷ ଧରି ଅନ୍ୟ ଉପରେ ନିର୍ଭରଶୀଳ ରହେ। କିନ୍ତୁ ପଶୁପକ୍ଷୀ ସେଥିରେ ନିପୁଣ ।ଆମେ ଫେରିବାବେଳକୁପାରାଛୁଆଗୁଡିକ ଟିକେ ବଢି ଯାଇଥିବେ ଭାବି ମୁଁ  ନିଶ୍ଚିନ୍ତଥିଲି। ଆଠଦିନପରେ ଆମେ ଫେରିଲୁ।ଏବେ ଶାବକ ଗୁଡିକ ଉଡିଆସି ମନକୁ ଦାନା ଖାଇବେ ଭାବି ମୁଁ ସକାଳୁ ଝରକା  ଖୋଲିଦେଲି।ସତେ ମୋ ଅପେକ୍ଷା ରେ ସେମାନେଥିଲେ। ଡେଣାଝାଡି ଉଡିଆସି କେତେକଣ ବୟାନ କରିଗଲେ। ଯେମିତି ତାଙ୍କ ଉଡିଆସୁଥିବା ପରଗୁଡିକ ଉପରେ ଗୁଡାଏ  ଲିଖିତ ଅଭିଯୋଗ ଲେଖି ମତେ ପଢିବାକୁ କହୁଥିଲେ। ଡଉଲଡାଉଲ ପାରା ଗୁଡିକ ସଂପୂର୍ଣ୍ଣ ସିର୍ଣ୍ଣରୁଗ୍ଣ  ଦିଶୁଥିଲେ। ଦୁଇଟି ଶାବକରୁ ଗୋଟିଏ ଥିଲା। ବିଷର୍ଣ୍ଣମନରେ ଚାଉଳ ମୁଠିଏ ଥୋଇବାରୁ ଖଣ୍ଡିଉଡାଦେଇ ପଡିବ ପଡିବ ହୋଇ ଶାବକଟି ଝରକା ଦାଢରେ ବସିଗଲା। ତିନିଜଣ ମିଶି ଚାଉଳ ଖୁଣ୍ଟି ଖାଉଥିଲେ ମଧ୍ୟ ପୁର୍ବର ଚଞ୍ଚଳତା ନଥିଲା। ହଠାତ୍ ମୋ ଚେତନାରେ  ତଡିତ୍ ପ୍ରବାହଟିଏ ଖେଳିଗଲା।

ହେ ଭଗବାନ ମୋଦ୍ୱାରା କିଛି ଭୂଲ ହୋଇଯାଇନି ତ!


ଆମ୍ଭ ନିର୍ଭରଶୀଳ ସ୍ୱାଧୀନ ଜୀବ ଗୁଡିଙ୍କୁ ଖାଦ୍ୟ ଅନ୍ୱେଷଣରୁ ବଞ୍ଚିତ କରି ନିୟମିତ ଖାଦ୍ୟ ଯୋଗାଇ ପରାନ୍ନଜୀବୀ କରି ପରାୟତ୍ତ ରେ ପରିବର୍ତ୍ତିତ କରିଦେଉନି ତ! ସେମାନଙ୍କ ଆବଶ୍ୟକତା ପରିପୂରଣ କରିବାକୁ ଯାଇ ଏକ ଅଥର୍ବ ଜାତି ର ଉତ୍ଥାନ କରିଦେଉନି ତ!

ଏ ଶାବକ ବଡ ହୋଇ ତା ଡେଣାର ଦକ୍ଷତା ନବୁଝି ସହଜଲଭ୍ୟମୁଠିଚାଉଳ ଉପରେ ସାରା ଜୀବନ ନିର୍ଭରଶୀଳ ହୋଇଯିବନି ତ! ଆଜି ଏଠି ମୁଁ ଅଛି କାଲିନଥିବି,

ତାପରେ ତାପରେ !!!!

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

■■■




## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମହିଳା ପତ୍ରିକା "ମାନବୀ"



# ନମସ୍କାର ର ମହତ୍ତ୍ୱ

ପୁଷ୍ପଲତା ମିଶ୍ର

ସମ୍ପର୍କ ତାହାକୁ କୁହାଯାଏ ଯେଉଁ ଠାରେ ଶବ୍ଦ କମ ବୁଝିବା ଅଧିକ ଥାଏ " ସମୟ ବଡ଼ ବଳ ବାନ" ସମୟ ଏମିତି ଯେ କାହାକୁ ନେଇ କୋଉଠି ଠିଆ କରେ ତାହା କେବଳ ସମୟ ହିଁ ଜାଣେ । ଏହି ସମୟ ଚକ୍ର ରେ ଛନ୍ଦି ହେଇ ଯାଇଥିଲେ ପ୍ରଫେସର ମାଧବ ମିଶ୍ର ।

ପରିବାର କହିଲେ ବାପା ,ମାଆ ଆଉ ଗୋଟିଏ ଭଉଣୀ,

ଭଉଣୀ ବିବାହ କରି ଶାଶୁ ଘରେ ଅବସ୍ଥାନ । ରାମ ଚନ୍ଦ୍ର ମିଶ୍ର ଙ୍କ ର ସେ ଥିଲେ ଏକ ମାତ୍ର ପୁତ୍ର । ପାଠ ପଢା ଛଡା ସେ ପୁରାଣ ପୋଥି ରେ ବି ପାଣ୍ଡିତ୍ୟ ଥିଲା । ମାଆ ବାପା ଙ୍କ ର ଗୋଟିଏ ଉପଦେଶ ଥିଲା - କାହାରି କୁ ସାନ ଭାବିବୁ ନାହିଁ । ପୁରାଣ ପୋଥି ରୁ ମଧ୍ୟ ସେ ଏହାର ସା ର ମର୍ମ ବୁଝି ଥିଲେ । ବାପା ମାଆ ଅଜଣା ଗାଡି ଧକ୍କା ରେ ଚାଲିଗଲେ । ଦୁଃଖ ରେ ଭାଙ୍ଗି ପଡ଼ିଲେ ମାଧବ !

ସଂପୂର୍ଣ୍ଣ ଏକା ହୋଇଗଲେ,ଏକୁଟିଆ ଜୀବନ ଯାପନ ଭିତରେ ମାଆ ,ବାପା ଙ୍କ ର ହିତ ଉପଦେଶ ଭୁଲି ନଥିଲେ ।

ପ୍ରଫେସର ମାଧବ ମିଶ୍ର ପ୍ରତ୍ୟେକ ଦିନ ଅଫିସ ଶୀଘ୍ର ଯାଆନ୍ତି,ସମସ୍ତ କର୍ମଚାରୀ ଙ୍କ ଆଗରୁ ଅଫିସ ରେ ପହଁଚି ଯାଆନ୍ତି ସମସ୍ତ କର୍ମଚାରୀ ଘରକୁ ଗଲା ପରେ ସେ ଘରକୁ ଫେରନ୍ତି ।

ତାଙ୍କର ଗୋଟିଏ ଭଲ ଗୁଣ ଥିଲା ଅଫିସ ଗଲାବେଳେ  ସାମ୍ନା ଫାଟକ ପାଖରେ ଠିଆ ହୋଇଥାଏ ଜଗୁଆଳି ରଘୁ ,ମାଧବ ବାବୁ ଙ୍କୁ ସ୍ୟାଲୁଟ ମାରିବା ପୂର୍ବ ରୁ ମାଧବ ବାବୁ ରଘୁ କୁ ନମସ୍କାର ଜାଣନ୍ତି । ରଘୁ ଟିକେ ସଙ୍କୁଚିତ ହୋଇ ପଛ କୁ ଦୁଇ ପାଦ ଟାଳି ଯାଇ ବାବୁ ଙ୍କୁ ସ୍ୟଲୁଟ ମାରେ ଓ କହେ ସାର ମତେ କାହିଁକି ନମସ୍କାର କରୁଛନ୍ତି ? ମାଧବ ବାବୁ ଏହି କଥାକୁ ଶୁଣି ନ ଶୁଣିଲା ପରି ପଳାଇ ଯାଆନ୍ତି ଅଫିସ ଭିତର କୁ । ସବୁ କର୍ମଚାରୀ ଙ୍କ ଯିବା ପୂର୍ବରୁ ମାଧବ ବାବୁ ଆଗ ଯାଇ ନିଜ ଚଉକି ରେ ବସି କାମ ରେ ବେସ୍ତ ଥାଆନ୍ତି । ଅଫିସ କାମ ସୁରୁ ଖୁରୁ ରେ ଚାଲେ । ଅଫିସ ଛୁଟି ହେବା ପରେ ସମସ୍ତ କର୍ମଚାରୀ ଗଲା ପରେ ଅଫିସ ରୁ ଯାଆନ୍ତି ମାଧବ ବାବୁ । ସେହି ଏକା କଥା ରଘୁ କୁ ନମସ୍କାର ଜାଣନ୍ତି ପ୍ରଫେସର ବାବୁ । ଏହି ଭଳି ନୀତି ଦିନ ଚାଲେ ।

ଦିନକର କଥା ଅଫିସ ଛୁଟି ହେଲା ସମସ୍ତ କର୍ମଚାରୀ ଜଣକ ପରେ ଜଣେ ଅଫିସ ରୁ ବାହାରି ଗଲେ । ସେଦିନ ହୋଇଥାଏ ଶୁକ୍ରବାର ତା ପର ଦିନ ଦ୍ୱିତୀୟ ଶନିବାର ଅଫିସ ଛୁଟି ତା ପର ଦିନ ରବିବାର ସହଜେ ତ ଛୁଟି । ଯିଏ ଯେମିତି ତର ତର ହୋଇ ବାହାରି ଗଲେ, ସନ୍ଧ୍ୟା ଆଗତ ରଘୁ ଅଫିସ ର ସମସ୍ତ ଦରଜା ବନ୍ଦ କରି ଘର କୁ ପଳାଇ ଗଲା । ଦୁଇ ଦିନ ତ ଛୁଟି ଖୁସି ରେ ଖାଇ ଶୋଇ ପଡିଲା ରଘୁ । ପ୍ରଫେସର ମାଧବ ବାବୁ ଗୋଟିଏ ଜରୁରୀ ଫାଇଲ ର କାମ ସାରି ଆସି ଦେଖନ୍ତି ତ ଦୁଆର ସବୁ ବନ୍ଦ ହୋଇଛି କେହି ବି କୋଉଠି ନାହାନ୍ତି । ବହୁତ ଚେଷ୍ଟା କଲେ ବାହାରକୁ ଆସିବାକୁ କିନ୍ତୁ ପାରିଲେ ନାହିଁ । ଡାକିଲେ ବି ଡାକ କାହାକୁ ଶୁଭିବ ନାହିଁ ଯୋଗକୁ ମୋବାଇଲ ଘରେ ଛାଡ଼ି ଆସିଛନ୍ତି ଭୋକ ର ଜ୍ୱାଳା ସହ ରାତି ବଢ଼ି ବଢ଼ି ଚାଲିଛି ଦୁଇ ଦିନ ଛୁଟି କେହି ଅଫିସ ଆସିବେନି । ଏ ଭଳି ପରିସ୍ଥିତି ରେ ବିନା ଖାଦ୍ୟ ବିନା ପାଣି ରେ ରହିବେ  ମୁଣ୍ଡ ଝିମ୍ ଝିମ୍ ହେଇଗଲା । ଭଗବାନ ଙ୍କ ଉଦ୍ଦେଶ୍ୟ ରେ ଶୋଇ ପଡିଲେ  ମାଧବ ବାବୁ ।

ହଠାତ୍ କବାଟ ଖୋଲି ଗଲା ମାଧବ ବାବୁ ଦେଖନ୍ତି ତ ରଘୁ ତାଙ୍କ ଆଗରେ ହାତ ଯୋଡ଼ି ଠିଆ ହୋଇ କାନ୍ଦୁଛି ଏବଂ କହୁଛି ସାର ମୋର ଭୁଲ ହେଇଗଲା । ଆପଣ ଅଫିସ ରୁ ଯାଇ ନାହାନ୍ତି ।

ମୁଁ ଜାଣି ପାରିଲି ନାହିଁ । ଘରକୁ ଯାଇ ଖାଇ ଶୋଇ ପଡି ଥିଲି ।

ମୁଁ ସବୁ ଦିନ ଅଫିସ ରୁ ଫେରି ମୋ ସ୍ତ୍ରୀ କୁ ଆପଣ ଙ୍କ କଥା କୁହେ ଯେ ସାର ମୋତେ ଅଫିସ ଗଲା ବେଳେ ନମସ୍କାର କରନ୍ତି ଓ ଫେରିଲା ବେଳେ ମଧ ... । ଆଜି ମୋ ସ୍ତ୍ରୀ ମତେ ନିଦରୁ ଉଠେଇ ଥଟା ରେ ପଚାରିଲା କଣ ଦୁଇ ଦିନ ତ ଛୁଟି ଅଛି ସାର ଅଫିସ ରୁ ଗଲା ବେଳେ ତୁମକୁ କେତେ ଥର ନମସ୍କାର କରିଛନ୍ତି ।

ମୁଁ ହଠାତ୍ ନିଦ ରୁ ଉଠି ପଡ଼ିଲି ସତରେ ତ ସାର ଅଫିସ ଯାଇଛନ୍ତି ।

ମୁଁ ଜାଣିଛି କିନ୍ତୁ ଫେଇବା ଟା ମୁଁ ଜାଣି ପାରିନି ସାର କେତେ ବେଳେ ଗଲେ । ସାର କଣ ଅଫିସ ଭିତରେ ରହି ଗଲେ ନା କଣ ?ମୋ ମୁଣ୍ଡ ଗୋଳ ମାଳ ହେଇଗଲା । ତେଣୁ ମୁଁ ଉଠି ପଡ଼ି  ରାତି ଅଧ ରେ ଦୁଇ କିଲୋ ମିଟର ବାଟ ଦୌଡ଼ି ଦୌଡ଼ି  ଆସି ଦେଖେ ତ ଆପଣ ଅଫିସ ଭିତରେ... । ମୁଁ ଏବେ ବୁଝିଲି ସାର ନମସ୍କାର କେବେ ବ୍ୟର୍ଥ ଯାଏନି ସେ ବଡ଼ ହେଉ କି ସାନ ... ।

■■■

ଭୁବନେଶ୍ୱର
ମୋ- ୯୩୩୮୨ ୯୪୬୫୭




## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE ମାଧ୍ୟମରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମ

ଆଲାପ

ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ପଦ୍ୟ ବିଭାଗ



# ଆସ ହେ ! ନୂଆ ବରଷ

**ସ୍ୱର୍ଣ୍ଣଲତା ମହାପାତ୍ର**



ଶୀତ ସବାରୀରେ ବସି ଧୀର ଧୀରେ
ଆସ ହେ ନୂଆ ବରଷ,
ସୁନେଲି ସୂରୁଜ ବିଛାଏ ମୁରୁଜ
ସ୍ୱାଗତ କରେ ବିଶେଷ।

ଘନ କୁହୁଡିର କାକର ମୋତିରେ
ଖୁସିର ସମ୍ଭାର ନେଇ,
ଜୀବନ ମରୁରେ ଫୁଟିଉଠ ତୁମେ
ପେଛି ପେଛି ଫୁଲ ହୋଇ।

ନୂତନ ଭାବନା ଆଶା ଉଦ୍ଦୀପନା
ଭରିଦିଅ ଗୋପନରେ,
କର୍ମମୟ ହେଉ ସୁନ୍ଦର ସଂସାର
ସମର୍ପଣ ଭାବନାରେ।

କିଛି ସ୍ମୃତି ଆଉ କିଛି ଅନୁଭୂତି
ଅନ୍ତରେ ଦିଅ ସଜେଇ,
ନବ ଆନନ୍ଦର ପ୍ରେମଜଳେ ଦିଅ
ପୁରାତନ ଦୁଃଖ ଧୋଇ।

ସିଞ୍ଚିଦିଅ ମୁନ୍ଦେ କରୁଣାର ବିନ୍ଦୁ
ଶିଶୁର ମୁଖରେ ହସ
ପ୍ରୀତି ମମତାର ବୀଜ ବୁଣିଦେଇ
ହରିନିଅ ରାଗ-ରୋଷ।

ଅପସରି ଯାଉ କଳୁଷ-କାଳିମା
ଧରା ହେଉ ପୁଲକିତ,
ପ୍ରଭୁଙ୍କ ଆଶିଷ ସଦା ଝରୁଥାଉ
ପୂର୍ଣ୍ଣ ହେଉ ମନୋରଥ।



■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ସ୍ୱାଗତ ନବବର୍ଷ

ଶୁଭଶ୍ରୀ ସିଂ



ନୀଳ ଗଗନରେ    ଶୀତୁଆ ସକାଳେ
ନୂତନ ସୂର୍ଯ୍ୟ ଉଇଁବ
ପୁରୁଣା ବର୍ଷର    କେଲେଣ୍ଡର ଫର୍ଦ୍ଦ
ଇତିହାସେ ଲେଖା ହୋଇବ
କେତେ ଦୁର୍ବିପାକ    କେତେ ଦୁର୍ଘଟଣା
କେତେ ସୁଖଦ ମୁହୂର୍ତ୍ତ
ସବୁ ଆଜି    ନେତ୍ରାଳୟରେ ଖୋଦିତ
ଦୁଇ ହଜାର ବାଇଶି
ତୁମ ଠାରୁ ଶେଷ    ବିଦାୟ ନେଉଛି
ଦୁଇ ହଜାର ତେଇଶି
ତୁମକୁ ସାଦରେ    ସ୍ୱାଗତ କରୁଛି
ଆସ ନୂଆବର୍ଷ ଆସ
ଦେଇ ପୁଷ୍ପ ଗୁଚ୍ଛ    ଏ ସବୁଜ ପ୍ରାନ୍ତଃ
ରଚିବ ପ୍ରୀତି ପିୟୁଷ
ତନୁମନ ପ୍ରାଣ    ହେବ ପୁଲକିତ
ନ ଆସୁ ଆଉ କଷଣ
ନ ରହୁ ଅନାହାର    କି ମହାମାରୀ
ହସି ଉଠୁ ଏ ଦୁନିଆ
ସର୍ବଜନେ ନବ    ଉନ୍ମାଦନା ଭରି
ନୂଆବର୍ଷ ହାତଧରି
ସତ୍ୟ, ଶାନ୍ତି, ଦୟା,  କ୍ଷମାର  ରଥ ଚଢି
ଫେରିଆସ ରାମ ରାଜ୍ୟ
ଏ ମାଟି ପାଣି ପବନ    ହେଉ ଉଚ୍ଛାସ ।।



■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# କ୍ୟାଲେଣ୍ଡର

ରୀତା ମିଶ୍ର






ଏଇତ ଆରମ୍ଭ ହୋଇଥିଲା କ୍ୟାଲେଣ୍ଡର
ଜାନୁଆରୀ ମାସ ଟି ରହିଥିଲା ଆଖି ସାମ୍ନାରେ
କିନ୍ତୁ କେତେବେଳେ ଓଲଟି ଯାଇଛି
ପୃଷ୍ଠା ପରେ ପୃଷ୍ଠା ଜଣା ପଡିଲାନିଁ
ଆଜି ସାମ୍ନାରେ ରହିଛି ଶେଷ ପୃଷ୍ଠା
ଦୁଇ ହଜାର ବାଇଶି ଡିସେମ୍ବର ।

ସତରେ ସମୟଟା କଣ ଉଡ଼େ ?
ହଁ,ତା ନୁହେଁ ତ ଆଉ କ'ଣ ?
ଦେଖୁ ଦେଖୁ ବର୍ଷଟିଏ ବିତିଗଲା
କେତେ ଦୁଃଖ,ସୁଖ ଭରା ସ୍ମୃତି ନେଇ
ଯେଉଁ ସମୟ ଚାଲି ଯାଇଛି ଫେରିବନି ଆଉ
ଖାଲି ଅତୀତ କୁ ସାଉଁଟି ସାଉଁଟି
ରହିଥିବା ଭବିଷ୍ୟତ କୁ ଅନେଇ ।

କାଲି ବଜାର ରେ ଦେଖୁଥିଲି ନୂତନ କ୍ୟାଲେଣ୍ଡର
ଦୁଇହଜାର ତେଇଶି ଜାନୁଆରୀ ମାସ ର
ମନେ ପଡିଗଲା ହସ,କାନ୍ଦ ସବୁ ଅତୀତ ର ।
ଦୁଇହଜାର ବାଇଶି ବି ଥିଲା ଦିନେ ନିଜର
କିନ୍ତୁ ଆଜି ସିଏ ହୋଇଗଲା ସାତପର
ଏସବୁ ଭାବିବାକୁ ତାହା ଠାରେ ନାହିଁ ବେଳ
ସତରେ ସମୟଟା ବଡ଼ ହୁସିଆର ।

ସମୟକୁ କେହି ଧରିପାରେନା ହାତ ମୁଠାରେ
ସିଏ ଅବିରାମ ଗତିରେ ଚାଲିଥାଏ ନିଜ ବାଟରେ
ନାହିଁ କ୍ଳାନ୍ତି, ନାହିଁ ଅବସାଦ, ନାହିଁ ତ ବିଶ୍ରାମ
ଦେଖୁଥାଏ  ହସକାନ୍ଦ ଆଉ କେତେ ବ୍ୟତିକ୍ରମ
କାହାକୁ କେବେ କରେ ନାହିଁ କିଛି ପ୍ରଶ୍ନ
ତା କାମରେ ସିଏ ଲାଗିଥାଏ ରାତିଦିନ ।

ହେ ନୂତନ ବର୍ଷ !
ଦୁଇ ହଜାର ତେଇଶି କ୍ୟାଲେଣ୍ଡର
ମୁଁ ତୁମକୁ ବାର,ବାର କରେ ନମସ୍କାର
ପୃଷ୍ଠା ପରେ ପୃଷ୍ଠା ଓଲଟି ଯାଅ ତୁମେ
ହେଲେ ଦିଅନାହିଁ  ଦୁଃଖ ଯନ୍ତ୍ରଣା ଏ ଭୂମେ
ଦେଖିବାକୁ ଚାହେଁ ମୁହିଁ ଏହି ନୂତନ ବର୍ଷରେ
ସମସ୍ତଙ୍କ ମୁଖୁ ଝରୁଥାଉ ହସ ଧାରେ ଧାରେ
ସମସ୍ତଙ୍କ ମୁଖୁ  ଝରୁଥାଉ ହସ ଧାରେ ଧାରେ ।

■■■

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ :୮୨୮୦୧୭୦୧୭୯

# ସମ୍ଭାବନା

**ଗୀତା ପଟ୍ଟନାୟକ**





ନବ ବରଷରେ ନବ ଚେତନା
ଭରିଯାଉ ମନେ ନୂଆ ଭାବନା
ସାମ୍ୟର ଗୀତ ଗାଇ
ପ୍ରାଚୀ ଗଗନରେ ଉଇଁ ଆସୁ ସୂର୍ଯ୍ୟ
ନୂଆ ସମ୍ଭାବନା ନେଇ ।

ପୁଞ୍ଜି ବାଦ ଦେଶୁ ଦୂରେଇ ଯାଉ
ସାମ୍ୟବାଦର ରାଗିଣୀ ଗାଉ,
ବିବେକର ହେଉ ଜୟ,
ସବୁ ତ ଅଳିକ ମିଛ ଦୁନିଆଁରେ
ସଭିଏଁ ଏଠି ଅଥୟ ।

ଦି' ଦିନର ହାଟ ମିଛ ସପନ
ଆଖିବୁଜି ଥରେ ଭାବରେ ମନ
କେ ନୁହେଁ ତୋହର ସାଥୀ,
ଏକା ଆସିଥିଲୁ ଏକା ଯିବୁ ଚାଲି
ଧରି ଧର୍ମର ନିକିତି ।

ଆଜିର ଜୀବନ କାଲିକୁ ନାହିଁ
ଭଲ କରି ଥରେ ଭାବରେ ଭାଇ,
ପର ହିତ ପାଇଁ କରିଯାଅ କର୍ମ
କର୍ମ ଏକା କାଳଜୟୀ
ଏକଥା ଆନ ନୁହଁଇ ।



ନୂଆ ବରଷରେ ନେବା ଶପଥ
ମନକୁ କରିବା ଯେ ପରିଷ୍କୃତ
ଧରମା ନ ହେଲେ ନାଇ,
ଗୁଣ୍ଡୁଚିମୂଷା ଟି ହୋଇ ତ ପାରିବା
ସତ୍ୟ ପଥରେ ରହି ।

ଆମ ହାତେ ଆମ ସମାଜ ଡୋରି
ଧରିଥିବା ତାକୁ ଶକତ କରି
ଖଣ୍ଡା ନୁହେଁ ରେ ଭାଇ,
କଲମ ଧନୁରେ ଶବଦ ତୀରରେ
ଦେବା ସବୁ ବଦଳାଇ ।

ଘୁଂଚି ଯିବ ଦେଶୁ ଦୁଃଖ ଯାତନା
ଧନୀ ଗରିବର ଭେଦ ଭାବନା
ପିଶାଚର ହେବ କ୍ଷୟ,
ସ୍ନେହ ମମତା ସୁଖ ଶାନ୍ତିର
କାଳେ କାଳେ ହେଉ ଜୟ ।

■■■

**ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ**
**ଆଦର୍ଶ ବିହାର୍**
**ମୋ-୭୯୭୮୯୦୨୩୭୩**

# ସ୍ୱାଗତ ନବବର୍ଷ

ନିକୁଞ୍ଜ କୁମାର ଘୋଷ



ଆନନ୍ଦ ମୁଖର ଏ ସଜ ସକାଳ
ଖିଲି ଖିଲି ହସେ ଜନ
ଶୀତ କାକରର ଟୋପା ବିନ୍ଦୁ ଦେଇ
ତୁମକୁ ଏ ଅଭିନନ୍ଦନ ।।

ଅଧ ରାତେ ଆସ କାହିଁ ପାଇଁ କୁହ
କୀଟ ଖୋଦ୍ୟତର ଆଲେ
ପାପ ଛୁଏଁ ମନେ ଅତୀତକୁ ଭାବି
ତୁମ କଥା ବସି ଭାଳେ ।।

ବିଗତେ ଆଣିଲ କରୋନା ଯନ୍ତ୍ରଣା
ଏଯାଏଁ ଲିଭିନି ମନେ
ନବ ବ୍ୟାଧି ନେଇ ଆସିଲ କି ତୁମ୍ଭେ
ସଂଶୟ ଆସଇ ମନେ ।।



କଷଣର ସ୍ୱର ଶୁଭୁଛି ସବୁଠି
ନିଦ ଟିକେ ଆସୁ ନାହିଁ
ନାରୀ ଓ ପୁରୁଷ ଉଭୟଙ୍କ ପାଇଁ
ଲୋତକ ଦେଉଛି ବହି ।।

ଅତୀତର ଦୁଃଖ ନ ଦିଅ ଜୀବନେ
କରୁଣା ଏତିକି କର
ପ୍ରାଣ ରଖି ପିଣ୍ଡେ ସନ୍ତାପ ଦିଅନା
ଜୀବନରୁ ଅବା ମାର ।।

ନାନା କଷାଘାତେ ଜର୍ଜରିତ ଜନ
ମୁଖେ ଫୁଟାଇ ହରଷ
ନୂତନ ବରଷେ ପିଆଇ ପୀୟୁଷ
ଜୀବନେ ଭର ସରସ ।।

■■■

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ଆମେ ଇତିହାସ

ଯଶୋବନ୍ତ ସେଠୀ





ଆମେ ବି ଜାଣି ନଥିଲୁ
ଠିକ୍ ଆମେ ଦୁହେଁ
ପରସ୍ପରଠୁ ଅଲଗା ହେବା କ୍ଷଣରୁ ହିଁ କାଳେ
ଇତିହାସର ଅୟମାରମ୍ଭ
ତା'ପୂର୍ବର ଘଟଣାସବୁ ଥିଲା
ପାଠ୍ୟ ପୁସ୍ତକର ରୋଚକ କାହାଣୀ ଅବା
ପତ୍ର ପତ୍ରିକା ଖବରକାଗଜର ନିୟମିତ ସ୍ତମ୍ଭ ।

ଗ୍ରେଟ୍ ୱାଲ୍, ଡ୍ରାଗନ୍, ଡାଇନୋସର
ପିରାମିଡର ଦେଶ ମିଶର୍
ହରପ୍ପା ମହେଞ୍ଜୋଦାର
ହୁଏନ୍ସାଂ ,ହର୍ଷବର୍ଦ୍ଧନ, ବିମ୍ବିସାର
ଏମାନଙ୍କ ଜନ୍ମ ମୃତ୍ୟୁ, ସୃଷ୍ଟି ଓ ବିଲୟର
ବହୁ ପୂର୍ବରୁ ଆମ ମିଳନ
ଯେହେତୁ ଆମେ ଥିଲୁ
ପ୍ରାଗୈତିହାସିକ ଯୁଗର ଆଦାମ୍ ଇଭ୍
ଆମର ବିଚ୍ଛେଦ ପରଠୁ ଆରମ୍ଭ ହେଲା
ପ୍ରେମ, ପ୍ରୀତି, ହୃଦୟ ଦିଆନିଆ
ଯେତେ ସବୁ ରଙ୍ଗ, ରସ, ଜୀବନ ।

ଦିନେ ଆମେ ଇତିହାସ ହୋଇଯିବୁ ବୋଲି
ଅବଶ୍ୟ ଆମ ହସ୍ତରେଖା କହୁଥିଲା
ରେଳ ଜଙ୍କସନର ଭ୍ରମ ସୃଷ୍ଟିକରି
ଆମ ପାପୁଲିରେ ଯାହା ଛନ୍ଦାଛନ୍ଦି
ହୋଇଥିଲା
ନା ତମେ ଜ୍ୟୋତିଷ ଥିଲ ନା ମୁଁ
ଭବିଷ୍ୟତ ପଢି ନପାରିବା
ଆମ ପାଇଁ କାଳ ହେଲା ।
ଶେଷରେ ଆମରି ଭବିଷ୍ୟତ
ବର୍ତ୍ତମାନର ପୀଢି ପାଇଁ
ଇତିହାସର ରୂପନେଲା ।

ପଦାର୍ଥ ବିଜ୍ଞାନୀଙ୍କୁ ପଚାରନା
ଯେହେତୁ ଏସବୁ ପ୍ରେମ-ପ୍ରେମର ବ୍ୟାପାର
କେବଳ ପ୍ରେମବିଜ୍ଞାନୀଙ୍କୁ ପଚାର
ସବୁ ରଙ୍ଗ ମିଶି ଧଳା ନୁହେଁ
ଗୋଲାପୀ ହିଁ ହୋଇଥାଏ
ଏହି ଉପପାଦ୍ୟ ହିଁ ଥିଲା
ଆମ ଦୁହିଁଙ୍କର ଶେଷ ଆବିଷ୍କାର
ତା'ପରଠୁ ସିନା ସୃଷ୍ଟି ହେଲା
ପ୍ରେମର ଯେତେସବୁ
ବିଧି, ବିଧାନ , ସଂହିତା, ଆଚାର ।

■■■

୩ଆର/ ୨ , ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବନେଶ୍ୱର

# ଅଭିମାନୀ ପ୍ରିୟା

ବିଦ୍ୟାଧର ଗୁରୁ



ଭଲପାଏ ବୋଲି କେବେ ମୁଁ ତୁମକୁ
ପାରି ନାହିଁ କହି ମୁହଁ ଖୋଲି
ସେଥିପାଇଁ କିବା ଅଭିମାନ କରି
ମୋ ଠାରୁ ଦୂରକୁ ଗଲ ଚାଲି ।
ତୁମେ କି ଜାଣ ନା ମୋ ମନର କଥା
ତୁମକୁ କେତେ ମୁଁ ପାଏ ଭଲ
ତୁମ ବିନା କିଛି ଲାଗେ ନାହିଁ ଭଲ
ସେ କଥା କି ମନୁ ଭୁଲିଗଲ ।
ରାଗରୋଷ କରି ସୂରୁଜ ଗଲେ ବି
ଆସେ ଫେରି ସିଏ ପରଦିନ
ମୋ ପାଖକୁ କିଆଁ ଆସୁନାହଁ ଫେରି
ତୁଟାଇ ମନରୁ ଅଭିମାନ ।
ଅଳି କେବେ ଦୂରେ ରହେନି କଳିଠୁ
ସଦା ପାଶେ ତା'ର ଥାଏ ରହି
ଅଭିମାନେ କଳି କହିନି ଅଳିକୁ
ଦୁଷ୍ଟାମି କରିବ ଦୂରେ ରହି ।
କେତେ ଯେ ବରଷ ଗଲାଣି ତ ବିତି
ତୁମରି ଫେରିବା ବାଟ ଚାହିଁ
ସେ କଥା କି ମନୁ ପାସୋରିଲ ପ୍ରିୟା
ଚାତକ ପରାଏ ଅଛି ମୁହିଁ ।
ଯେଉଁଠି ଥିଲେବି ଦେଖିଯାଅ ଥରେ
ଛାଡ଼ି ମନୁ ତୁମ ଅଭିମାନ
କେମିତି ଜିଇଁଛି ତୁମ ବିନା ପ୍ରିୟା
ଭାବି ତୁମ କଥା ରାତିଦିନ ।
ଅଭିମାନ ନାହିଁ ଯଦି ସେ ପ୍ରେମରେ
ଗଣା ତା' ହୁଏନି ପୀରତିରେ



■■■

ୟୁନିଟ୍ -୯, ଭୁବନେଶ୍ୱର

# କବି ପ୍ରିୟା

ବସନ୍ତ ମାଝୀ



କବିପ୍ରିୟା !
ଶୁଖାଇ ଦେଇଛି ଛାତି ବିଶ୍ୱାସର ଚିରସ୍ରୋତା
ସିଲିଂ ଫ୍ୟାନରେ ଝୁଲୁଛି ଦେଖ ଭାବପ୍ରବଣତା
ଅତୀତ ଧୂମ୍ରାଭ ବେଳାରେ ଲହରି ପିଟୁଛି ମଥା
ପ୍ରତାରଣା ଆଘାତରେ ଉଦଣ୍ଡ ନର୍ତ୍ତନରେ ବ୍ୟଥା ।

ଟଳି ପଡିଛି ଦେଖ ଆଶାର ସୁଉଚ୍ଚ ସଉଧ
ବିଡମ୍ବନା ପଶାରେ ବୈଧବ୍ୟ ଭୋଗୁଛି ସାନ୍ନିଧ
ଅବୁଝା ପଣରେ କିବା ଥାଏ ମୂଲ୍ୟବୋଧ
ଶୋକର ଶ୍ଳୋକ ଗାଏ ପ୍ରତାରକ ଛାଇ ନିଦ ।



ସନ୍ତାପିତ ସମୟରେ କୁତ୍ସିତ କୋମଳ ସବୁଜିମା
ରକତ ସୁଅରେ ଅପଢା ସଞ୍ଚିତ ଜହର ତର୍ଜମା
ଭାଗ୍ୟର ସରଳାର୍ଥ ଦୀର୍ଘଶ୍ୱାସ ବିଚିତ୍ର ଭଙ୍ଗିମା
ବ୍ୟର୍ଥତାର ହାହାକାରେ ମିଥ୍ୟାର ପରିପୂର୍ଣ୍ଣ  କମା ।

ପ୍ରବଞ୍ଚନା କୋଠରୀରେ ନାଚେ ରାତି ରାତି ପଣ
ସମୟର ଛୁରୀ ଚାଲେ ହତବାକ୍ ହୁଅଇ ଜୀବନ
ଅବକ୍ଷୟୀ ଗୁଞ୍ଜନରେ ବିଷାଦର ଜୀବନ୍ତ କ୍ରନ୍ଦନ
ରହସ୍ୟର ରୁଦ୍ଧଶ୍ୱାସେ ବିବଶ ଗ୍ଳାନିର କରୁଣ ।

କାହିଁ କୁହ ସମ୍ଭାବନା ରାଗ ଆଉ ଅନୁରାଗ
କାହିଁ କୁହ ସାକାର ସ୍ୱପ୍ନ ମୁଖରା ସୁହାଗ
କାହିଁ କୁହ କେତେ ଦୂରେ ହର୍ଷ ଫସଲର ରଙ୍ଗ
କାହିଁ କାହିଁ ଚିରଞ୍ଜୟୀ କୁସୁମିତ ଗର୍ବିତ ବ୍ୟଙ୍ଗ ?

କବିପ୍ରିୟା !
କଅଁଳା ମେଘର ଛାତିରେ ଲେଖ ଜୀବନର ଭାଷ୍ୟ
ବିଶ୍ୱାସ ର ପାରିଜାତ ଫୁଟି ଦେଉ ଆଲୋକ ସନ୍ଦେଶ ।

■■■

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୭୨୧୯୨୫

# ପ୍ରତିଶ୍ରୁତି

ପ୍ରଫେସର ବୀଣାପାଣି ତ୍ରିପାଠୀ





ତୁମ ହୃଦୟର ଗୋଟିଏ ସ୍ପନ୍ଦନରେ
ତୋଳିବାର ଅଛି ଏକ ଶବ୍ଦର  ମହଲ
ହୃଦୟେଶ୍ୱରୀ ର ସମସ୍ତ ଐଶ୍ୱର୍ଯ୍ୟରେ
ବିତେଇବାର ଅଛି ସମଗ୍ର ଆୟୁକାଳ
ପ୍ରାଣ ପ୍ରାଚୁର୍ଯ୍ୟ ରେ ଜିଇଁବାକୁ ଅଛି
ରାଜ୍ୟରାଣୀ ହୋଇ ଚିରକାଳ
ଏଇ ଦେଖ  ପାହି ପାହି ଆସୁଛି
ଆଉ ଏକ  ସୁଖଦ ସକାଳ ।

ଆଉଥରେ ଭୋଗିବାର ଅଛି
ଆମେ ବିତେଇନଥିବା
ଏକ ନିରୋଳା ଜହ୍ନରାତି
ସେଇ ପ୍ରାଣମୟ କ୍ଷଣଗୁଡିକୁ
ଶୁଣିବାର ଅଛି କାନ ପାତି ।

ଯେଉଁ ପ୍ରେମ ସଙ୍ଗୀତର
ସୁର ସଜାଉ ସଜାଉ
ଆମେ
ଦୁଇଟି ପକ୍ଷୀ ହୋଇଯାଇଥିଲେ
ସେଇ ସୁରରେ ଗାଇବାକୁ ଅଛି
ଏକ ସମବେତ ସଙ୍ଗୀତ
ଫେରେଇ ଆଣିବାକୁ ହେବ ସେଇ ସୁର
ମିଶିଯାଇଥିବା ପବନରୁ
ଅବା ଅଚିହ୍ନା ପକ୍ଷୀଙ୍କର କାକଳି ରୁ
ଆଉ ଥରେ  ଝରିବାର ଅଛି
ବୁନ୍ଦେ ଲୁହ ହୋଇ
ଗୋଟେ ଜୀବନ୍ମୁଖୀ ମୃତ୍ୟୁକୁ ଭେଟିବାର ଅଛି
ଆଗ ପଛ ପଛ ଆଗ ହୋଇ ।

ସାରା ରାତି ଆମକୁ ଭିଜେଇଥିବା
ଚନ୍ଦ୍ରାଲୋକ ଓ କାକର
ଏଇ ଏଇ ବିଦାୟ ନେଲେଣି
ଆସ, ଆମେ ବି ବିଦାୟ ନେବା
ଆଉଥରେ ପୃଥିବୀକୁ ଆସିବାର
ପ୍ରତିଶୃତି ଦେଇ ।

ସତ କଥା ,
ପ୍ରେମମୟୀ ପୃଥିବୀ ଏବଂ ବିତେଇଥିବା
ଗୋଟିଏ ନିରୁତା ପ୍ରେମିଳ ମୁହୂର୍ତ୍ତକୁ
ଏଠି ଛାଡିଯିବାକୁ ମନ  ଚାହୁଁନାହିଁ... ।

■■■

ମଧୁବନ, ଢେଙ୍କାନାଳ

# ଝୁରୁଛି ବି ପ୍ରଜାପତି

ବିପିନ୍ ମହାନ୍ତି





ଯେଉଁ ବଗିଚାର ଧୂସର ମାଟିରେ
ନିଜେ ଚାରା ପୋତୁଥିଲ,
ସେଇ ବଗିଚାକୁ ନିଜ ଆଖି ଆଗେ
କିମିତି ଉଜାଡ଼ି ଦେଲ ।

ଆଉ କେଉଁ ଫୁଲେ ସରାଗ ତୁମର
କୁହ ଥରେ ମନଖୋଲି,
ସେ ଫୁଲ ଏବେଠୁ ଫୁଟିଛି
କେବେଠୁ
ଥରେ ଖାଲି ଆସ ବୁଲି,
ଏଇ ବଗିଚାରେ ତୁମରି ଇଚ୍ଛାରେ
ରଙ୍ଗ ବେରଙ୍ଗର ଫୁଲ ।

ଫୁଲ ବି ଝୁରୁଛି ମାଳୀ ବି ଝୁରୁଛି
ଝୁରୁଛି ବି ପ୍ରଜାପତି,
ଅଳି ମନ ମାରି ଯାଉଅଛି ଫେରି
ମାଗୁନି ଫୁଲଠୁ ପ୍ରୀତି,
ତୁମ ଇଚ୍ଛା ବିନା ଏ ବଗିଚା ମନା

■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୬୧୧୪୪୯୯୧

# ଶୁଭ ଲଗ୍ନ

**ସରୋଜ କୁମାର ଶତପଥୀ**





ସକାଳ କୁହୁଡ଼ିରେ ଭିଜି ଭିଜି
ଆସିଥିଲ ତୁମେ
ନୂତନ ବାର୍ତ୍ତାବହ ହୋଇ...
ଧରିଥିଲ ହାତରେ ଫୁଲ ଚାଙ୍ଗୁଡ଼ି
ଓଦା ଓଦା ହସ ଭିତରେ
ଦେଇଥିଲ କିଛି ସ୍ମୃତିର ତାଜା ସ୍ତବକ
ଗଙ୍ଗ ଶିଉଳିର ବାସ୍ନାରେ
ମୁଁ ଦେଖା କରିଥିଲି
ସେଇ ଶୁଭ ଲଗ୍ନରେ... ।

■■■

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ଶୀତୁଆ ସଂଜ

ମୋହନ ମଜୀଠୀଆ





ଆଜିବି ମୁଁ ଚାହିଁ ବସିଛି
ସେଦିନ ର ସେଇ
ଶୀତୁଆ ସଂଜ ଭଳି
ଆଉ ଏକ ସଂଜକୁ
ତୁମେ ଆସିଥିଲ
ପ୍ରଥମ ଥର ପାଇଁ
ଦେଖା କରିବାକୁ
ମୋତେ ଏକୁଟିଆ ରେ
ତାରା ପରି ଚିକ୍ ମିକ୍
ବିନ୍ଦିଟିଏ କପାଳରେ
ତୁମ ଝଟକୁଥିଲା
ଅଳସ ପାଦ ପକେଇ
ଲାଜର ଓଢ଼ଣୀ ଦେଇ
ଆସି ବସିଥିଲ ମୋ ଠାରୁ
ତିନି ହାତ ଦୂରରେ

ଯେତେ କହିଲେବି ମୁଁ
ଟିକେ ହେଲେ ଇଚ୍ଛା ନଥିଲା
ପାଖକୁ ଆସିବାକୁ
ସେତିକି ଦୂରତା ରଖି
ଖାଲି ମୁଣ୍ଡ ହଲେଇ
ଉତ୍ତର ଦେଇଥିଲ
ମୁଁ ପଚାରିଥିବା
ପ୍ରତିଟି ପ୍ରଶ୍ନର
ତା' ପରେ ... ?
ତା' ପରେ ମୁଁ
କେତେ ସଂଜ ବିତେଇଛି
ଏଇଠି ବସି ବସି
ଏଇୟା ଭାବି ଭାବି
ଯେ ତୁମେ ପୁଣି ଆସିବ
ସେଇମିତି ଅଳସ
ପାଦ ପକେଇ
ଆସି ବସିବ ଏଇଠି
ଏଥର କିନ୍ତୁ
ତିନି ହାତ ଦୂରରେ ନୁହେଁ
ମୋ ପାଖରେ ...
ମୋ ଦେହକୁ ଦେହ ଲଗେଇ
ଆଜିବି ମୁଁ ଚାହିଁ ବସିଛି
ସେଇମିତି ଏକ ସଂଜକୁ ...

■■■

କଟକ
ମୋ : ୯୯୩୭୧ ୭୩୦୨୦

# ଏମାନଙ୍କ ଜୀବନ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ଏମାନଙ୍କ ଜୀବନ ଗଢ଼ା ଯେମିତି

ଗଛତଳ, ପୋଲ ଆଉ ପରିତ୍ୟକ୍ତ କୋଠା,
ଭବିଷ୍ୟତ ନାହିଁ ଅନ୍ୱେଷଣ ଅବାପ୍ରତିକାର ।
ଅତୀତର ସ୍ମୃତି ନାହିଁ, କେବଳ ବଞ୍ଚିବାର
ଦୁର୍ବାର ଲାଳସା, ବର୍ତ୍ତମାନ ଆଉ ସମୟର ।।

ଏମାନଙ୍କ ଜୀବନ, ନିର୍ଜନରେ, ଏକାନ୍ତରେ
ସ୍ୱପ୍ନ ନାହିଁ ଆଶା ଆକାଙ୍କ୍ଷାର ।
କେବଳ ମୁଠାଏ ଖାଦ୍ୟ ଅନ୍ୱେଷଣ
ହେଉ ଆହାର ଅବା ପଥ ପ୍ରାନ୍ତର ।।



ଖାଦ୍ୟ ହିଁ ସୁରକ୍ଷା ଯୋଜନା କେବଳ
କଣ୍ଢେଇ, ଅବା ବେଲୁନ୍ ର ଉପହାର
ବଂଶୀ ଆଉ ସାହାନାଇ, କେବଳ ସମ୍ବଳ
ଜୀବନ ଆଉ ଜୀବିକାର ଏମାନଙ୍କ ଜୀବନ ।।

ନୁହେଁ ପୂଜାପାଠ, ଉପାସନା ନୀତି
କର୍ମ, ଧର୍ମ ଆଉ ପାପ ପୂଣ୍ୟର
ଜୀବନ ପଥରେ ଗତି ହିଁ ପ୍ରଗତି
ହେଉ ସ୍ଥିର ଅବା ଚଞ୍ଚଳ ।।

■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୨୬୫୫୨

# ସ୍ୱର

ଯୋଗେଶ ମିଶ୍ର



ତୁମକୁ ଭଲ ପାଇବା
ଏକ ପଳାତକ ମୂହୁର୍ତ୍ତ ପରି
ତୁମକୁ କଳିବା ଶୁନ୍ୟକୁ ଲଙ୍ଘିଯିବାପରି
ତୁମକୁ ଚିହ୍ନିବା ଆକାଶକୁ ମାପିବାପରି
ମୁଁ ଜାଣେ ଜଞ୍ଜାଳ ମାଟିରେ ଠିଆ ହେଇ
ଯେତେ ଲୋଭ ସେତେ ଦୁଃଖର
ବନ୍ଧନରେ ବନ୍ଧା ହେଇଛି
ତଥାପି ତୁମକୁ କଳିବା ପାଇଁ
ଶୁନ୍ୟତାକୁ ମାପିବାର ଶୋଷ ମେଣ୍ଟି ନାହିଁ
ଆକାଶ ଛାତିରେ ତୁମ ରୁପ ଦେଖି
ହାତ ଦୁଇଟି ଆପେ ଆପେ ଲମ୍ବି ଯାଏ
ତୁମକୁ କୋଳେଇ ନେବାକୁ
ତୁମକୁ ନ ପାଇବାର ଦୁଃଖରେ
ଯନ୍ତ୍ରଣାର ପାହାଡ ଏକା ଏକା ଚଢୁଥାଁଏ
ରୋଗ ଦୁଃଖର କଳାଛାଇ
ଟପି ଟପି ଯାଉଥାଏ ଦେହ ଦେଉଳି
ଆଉ କେତେ କାଳ ବିଭୂ ରହିଥିବ
ଦୂରେ ଦୂରେ
କ୍ଷୟ ପାଇ ଯାଉଥିବା ମୁଁ
ଆଶ୍ୱାସନାର ତମ ସ୍ୱର ଶୁଣି ଶୁଣି
ତୁମ ପାଦେ ଥୋଇଦେବି
ଖସି ପଡୁଥିବା ଜୀବନର ବାକି ଦିନ ସବୁ ।।



■■■

ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ତୁମ ହାତେ ଗଢ଼ା ବିଶାଳ ସଂସାର

ସିଦ୍ଧାର୍ଥ କୁମାର ମହାପାତ୍ର





ଚନ୍ଦ୍ରମା ନୀଳ ଆକାଶେ
ଚୁନି ଚୁନି ତାରା
ଅନ୍ତରୀକ୍ଷ କୋଳେ
ଖିଲି ଖିଲି ହୋଇ ହସେ ।

ଖଞ୍ଜିଛ ଯତନେ ମଧୁର କାକଳୀ
ବିହଙ୍ଗମ ଚାରୁ କଣ୍ଠେ
ତୁମ ଆଶିଷରୁ ନିରିମଳ ହସ
ଝରିପଡ଼େ ଶିଶୁ ଓଠେ ।

ଫୁଟାଇଛ ପ୍ରଭୁ ସବୁଜ ଲତାରେ
ରଙ୍ଗ ବେରଙ୍ଗ ର ଫୁଲ
ମୋହିନିଏ ମନ ରୂପ, ଗନ୍ଧ, ବର୍ଣ୍ଣ
ଅକଳନୀୟ ତା ମୂଲ ।

ମକରନ୍ଦ ଲୋଭୀ ପରଜାପତି ଟି
ଫୁଲରୁ ଫୁଲ କୁ ଉଡ଼େ
ଶ୍ୱେତ ଲାଲିମାରେ ସେ ତନ୍ୱୀ ଶେଫାଳୀ
ଅବନୀ ରେ ଝରିପଡ଼େ ।

ଖଞ୍ଜି ତ ଦେଇଛ ନିର୍ଝରିଣୀ କଣ୍ଠେ
ମନଛୁଆଁ କୁଳୁତାନ
ରସାଳ କୁଞ୍ଜରୁ ଧୀରେ ଧୀରେ ଆସେ
କୋଇଲି ର କୁହୁ ସ୍ୱନ ।

ଚୋରା ଚଇତାଳୀ କରେ ଚିତ୍ତ ଚୋରି
ତୁମରି କରୁଣା ବଳେ
ଝରଇ ଅନଳ ବସୁନ୍ଧରା କୋଳ
ଦାରୁଣ ନିଦାଘ କାଳେ ।

ଦିଶଇ ଧୂସର ଧରା କଳେବର
ତପନ ର ତୀକ୍ଷ୍ଣ କରେ
ଗିରିଷମ କାଳେ ତରୁଲତା ଡାଳେ
ପୁଷ୍ପ ଗନ୍ଧ ମନ ହରେ ।

ତୁମ ତୂଳିକାର ମଧୁର ପରଶେ
ସପ୍ତରଙ୍ଗୀ ଇନ୍ଦ୍ରଧନୁ
ନୀଳିମା ଆକାଶେ ମନ ଖୋଲି ହସେ
ଆପାଶୋରା ତାର ତନୁ ।

ରମ୍ୟ କଳାର ତୁମେ କଳାକାର
ରହସ୍ୟ ର ଯାଦୁଘର
କିମିତି ବୁଝିବି ସୃଷ୍ଟି ଗୂଢ଼ ତତ୍ତ୍ୱ
ଅଳପ ଜ୍ଞାନ ରେ ମୋର ।

■■■

ଶିକ୍ଷକ, କଣ୍ଟିଲୋ, ନୟାଗଡ
ମୋ: ୯୮୫୩୦ ୩୬୧୬୨

# ମାଗୁଣି

ବିରଞ୍ଚି ମିଶ୍ର





ଜଗନ୍ନାଥ ହୋ, କି ଅବା ମାଗିବି ତୋତେ,
କି ଧନ ମାଗିବି, କି ଜନ ମାଗିବି,
ଗୋପ ଲକ୍ଷ୍ମୀ କେତେ, କେମିତି ମାଗିବି
ବୁଦ୍ଧି ଦିଶୁ ନାହିଁ ମୋତେ ।।

ବାଲି ଥାନ୍ତା ଯଦି ଶରଧା ବାଲିରେ,
ମାଗନ୍ତି ସେଥିରୁ ଦେଇ ଦେ ହାତେ
କୁଡିଆଟେ କରି, ତୋ ଘର ଦୁଆରେ
ଡାକୁ ଥାନ୍ତି, ମୋତେ ରଖ ସାଆନ୍ତେ ||

ଜଗତ ନାଥଙ୍କୁ ବାଲି କି ମାଗିବି,
ମହିମା ତୋହର ହୋଇବ ନ୍ୟୁନ,
ବଡ ଠାକୁର ତୁ, ବଡ ଚିଜଟିଏ,
ମାଗିଲେ ସିନା ମୁ ହୋଇବି ଧନ୍ୟ ||

ରତନ ଗୋଟିଏ ମାଗିବାକୁ ମନ
ଥିଲେ କିସ ହେବ, ଚାବି ତ ନାହିଁ,
ନକଲି ମିଳୁଛି, ଅସଲି କୁଆଡେ
କିଏ ନେଲା ତାକୁ, କହୁନୁ କାହିଁ ??

କେତେ ଗଜପତି କେତେ ଆଣିଥିଲେ
ରତନ, ଯତନେ ରଖିଲୁ ନାହିଁ,
କେତେ ଆସିଥିଲା, କେତେ କିଏ ନେଲା,
କେବେ ତ ହିସାବ ମାଗିଲୁ ନାହିଁ ??

ଜଗୁଆଳ କଲୁ ଶ୍ରୀ ଲୋକନାଥଙ୍କୁ,
ଭୋଳାନାଥ ଚେଇଁ ରହିଲେ ଶୋଇ,
ମହେଶ୍ୱର ପରା ଜାଣି ସିଆଣିଆ,
ଭଣ୍ଡାରେ ରତନ ଅଛି କି ନାହିଁ ??

ତାଙ୍କ ନାମ ଧରି କେତେ କେତେ ଲୋକ
ଗହଳି କରିଲେ ଭଣ୍ଡାରେ ଯାଇ,
ଚକାଆଖି ତଳେ ସବୁ ହେଉଥିଲା,
ମୁରୁକି ହସିଲୁ ଧରିଲୁ ନାହିଁ ||

ରତନ ନ ମିଳୁ, ଚାବି ବି ନ ମିଳୁ,
କମିସନ ବସୁ, ପରବା ନାହିଁ,
ରଥ ଯାତରାରେ ରଥ ଉପରେ ତୁ
ଦରଶନ ଟିକେ ଦେବୁ କି ନାହିଁ ??

ବଳିଆର ଭୁଜ ଟେକି ଧରିଥିବୁ
ହାତ ଛଡା କେବେ କରିବୁ ନାହିଁ
ନିଆଶ୍ରୀ ଲୋକର, ତୁ ହିଁ ତ ଆଶରା,
କେତେ ଆଉ ତୋତେ କହିବି ମୁହିଁ ??

■■■

ଶ୍ରୀକ୍ଷେତ୍ର, ପୁରୀ

# ଅନ୍ତର୍ଦାହ

ଯଜ୍ଞଦତ୍ତ ସାମନ୍ତରାୟ





ସମୟ
କେତେବେଳେ ଯେ
ଚାଲିଯାଏ
ଜଣାପଡେ ନାହିଁ
ବୟସର ଖରାବେଳେ ।
ଆଶା ସବୁ
ମୁହଁ ମୋଡଂତି
ଥୁଣ୍ଟା ବରଗଛ ଭଳି
ସମୟର ସ୍ରୋତରେ ।
ଯୁବ ମନ
ଭାଂଗିଯାଏ ଏଠି
ଅଶୀ ବର୍ଷର ବୃଦ୍ଧ ପରି
ତଥାପି ;
ମଣିଷ ବଂଚିଛି,
ବଂଚୁଛି ଓ ବଂଚି ଆସୁଛି
ଭବିଷ୍ୟତର
ଏକ ଅଜଣା ଆକାଂକ୍ଷାର
ପ୍ରତୀକ୍ଷାରେ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪



# ସୃଷ୍ଟି ଓ ସ୍ରଷ୍ଟା

ତରୁଣବାଳା ମହାପାତ୍ର

ବିଚିତ୍ର ଏ ସୃଷ୍ଟି ତୁମ୍ଭ କଳାକୃତି
ସାଧ୍ୟ ନାହିଁ କଳିବାର
ସାରା ଜଗତର ଶ୍ରେଷ୍ଠ ଚିତ୍ରକର
ଧନ୍ୟ ସେ ତୁଳୀ ତୁମ୍ଭର ।

ବୃକ୍ଷରେ ବିଚିତ୍ର କେତେ ରଂଗେ ପତ୍ର
ନାଲି ନେଳି ହଳଦିଆ
ଫୁଲ ଫଳେଭରା ଦିଶେ ହରାଭରା
ମନଲୋଭା ଏ ଦୁନିଆ।

ସୁରୁଜ ପ୍ରକାଶେ ପୂରୁବ ଆକାଶେ
ଢାଳେ ଯେବେ ବର୍ଣ୍ଣବିଭା
ସାରା ଏ ଜଗତ ହୁଏ ଦୀପ୍ତିମନ୍ତ
ଝଟକେ ଧରଣୀ ଶୋଭା ।



ସଜାଇ ଦେଇଛ ମନକୁ ମୋହିଛ
ଆକାଶେ ତାରକା ପୁଂଜ
ଚନ୍ଦ୍ରମା ଢାଳଇ ଜୋଛନା ବିଂଛଇ
ନଇଁ ଆସେ ଯେବେ ସଞ୍ଜ ।
କାକଳୀ କୂଜନ ହରେ ଜନମନ
କୋଇଲିର କୁହୁତାନ
ହଳଦୀବସନ୍ତ ତନୁ ଶୋଭାସିକ୍ତ
ହଳଦୀର ପ୍ରଲେପନ।
ପଶୁପକ୍ଷୀଙ୍କର ଖଂଜିଛ ଆହାର
କାହାକୁ କରିନ ହେଳା
ତୁମ ନିର୍ଦ୍ଦେଶରେ ଚାଲେ ଏ ସଂସାରେ
ଯେତେସବୁ ଲୀଳାଖେଳା।
କେଉଁ ଚିତ୍ରକର ଶିଳ୍ପୀ କଳାକାର
ହେବନାହିଁ ତୁମସରି
କୋଟିଏ ପ୍ରଣାମ ଘେନ ଦେବୋପମ
ଝରୁ ତୁମ କୃପା ବାରି ।

■■■

ଶିକ୍ଷକ, କଣ୍ଟିଲୋ, ନୟାଗଡ
ମୋ: ୯୮୫୩୦ ୩୬୧୭୨



# ମଧୁମୟ ସଂସାର

**ଶମ୍ଭୁନାଥ ରାଉଳ**



ବିଶ୍ୱାସ ଓ ଅବିଶ୍ୱାସର
ସମୀକରଣ ଏକ ନାମ
ଏକ ଶବ୍ଦ 'ଈଶ୍ୱର'
କାର୍ଯ୍ୟ ସିଦ୍ଧ ହେଲେ
ସେ ସର୍ବ ବିଦ୍ୟମାନ
ସର୍ବ ଶକ୍ତିମାନ
କାର୍ଯ୍ୟରେ ବିଫଳତା
ତାଙ୍କ ଅବସ୍ଥିତିର ଏକ ପ୍ରଶ୍ନବାଚୀ ।
ସମସ୍ତଙ୍କ ପାଇଁ ଈଶ୍ୱର ଭିନ୍ନ ଭିନ୍ନ
ଗୋଟିଏ ଦେଶରେ ଭିନ୍ନ ଭିନ୍ନ ଧର୍ମ
ଭିନ୍ନ ଭିନ୍ନ ଈଶ୍ୱର ବିଶ୍ୱାସ
ସେମିତି ଭିନ୍ନ ଭିନ୍ନ ଦେଶ
ଭିନ୍ନ ଈଶ୍ୱର
ଈଶ୍ୱରଙ୍କର କ'ଣ ସଂଖ୍ୟା ଅଛି
ଫୁରସତରେ ଗଢିବା ପାଇଁ
ଏ ମଣିଷ ସମାଜ
ପଶୁପକ୍ଷୀ କୀଟ ପତଙ୍ଗ
ନଦ ନଦୀ
ଝରଣା ପାହାଡ ସମୁଦ୍ର
ଯାହା ସବୁ ସୃଷ୍ଟିରେ ଦୃଷ୍ଟି ଗୋଚର ।
ସବୁଠାରୁ ଶ୍ରେଷ୍ଠ ଜୀବ ମଣିଷ
ମଣିଷ ଦେଇଛି ଈଶ୍ୱରଙ୍କ ନାମ
ନିଜ ଭିତରେ ବାଣ୍ଟିଛନ୍ତି
ଅଦୃଶ୍ୟ ଶକ୍ତିର ଦୃଶ୍ୟମାନ ସୃଷ୍ଟିକୁ ।

ମଣିଷ ରଚନା କରିଛି ବେଦ ଉପନିଷଦ
ପୁରାଣ, ବାଇବେଲ୍ କେରାନ
ସବୁ ଧର୍ମର ଧର୍ମ ଗ୍ରନ୍ଥ
ମଣିଷ ଅନୁଭବ କରିଛି
ସାମାନ୍ୟ ଧୂଳି କଣାରେ ଈଶ୍ୱରଙ୍କର ଅବସ୍ଥିତି
ପ୍ରତିଟି ଜୀବ ଏବଂ ଜଡ଼ ଜଗତ
ସବୁଥିରେ ଅବସ୍ଥିତି
ସେ ସତ୍ତା ଈଶ୍ୱର
ମଣିଷ ଭିତରେ ଈଶ୍ୱର
ଈଶ୍ୱରଙ୍କ ସୃଷ୍ଟି
ଈଶ୍ୱରଙ୍କୁ ଅନୁଭବ କରିବା
ସେ ସତ୍ତାରେ ଲୀନ ହୋଇଯିବା
ପିମ୍ପୁଡି ଠାରୁ ଆରମ୍ଭ କରି
ପାହାଡକୁ ଭଲ ପାଇବା
ସବୁ ଧର୍ମର ମୂଳମନ୍ତ୍ର
ସମସ୍ତଙ୍କୁ ଭଲ ପାଇବା
ଦୟା କ୍ଷମା ଅହିଂସା
ମାନବ ଧର୍ମରେ ଦିକ୍ଷୀତ ହେବା
ଭଲ ପାଇବାରେ ସାରା ବିଶ୍ୱକୁ
ଆଲୋକିତ କରିବା
ମଧୁମୟ ହେଇ ଉଠିବ
ଏ ସାରା ସଂସାର
ବିଶ୍ୱ ଦେଖ ମଧୁମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ ।

■■■

ପ୍ଲଟ ନଂ - ୮୩୩/୨୫୪୦,ମୃତ୍ୟୁଞ୍ଜୟ ବିହାର୍
ଇନ୍ଦିରା ହାଉସିଂ କଲୋନି, ଶିଶୁପାଳଗଡ଼,
ଭୁବନେଶ୍ୱର୍ - ୭୫୧୦୦୨ ମୋ -
୯୩୩୮୦୧୧୧୮୩

# ଜୀବନକୁ ନୂଆ କରି ଜିଇଁ ହୁଅନ୍ତା ନି ?

ଅଧ୍ୟାପକ ଅଜୟ ପଟ୍ଟନାୟକ





ଜୀବନକୁ ନୂଆକରି ଜିଇଁ ହୁଅନ୍ତା ନି ?
ନା, ଅସମ୍ଭବ...
ଜୀବନ ନୁହେଁ ସିଲଟ୍‌ରେ ଚକ୍‌ଖଡି ଲେଖା
ଯାହା ଲିଭାଇ ଦେଇ, ନୂଆକରି ଲେଖିହେବ ।
ଜୀବନ ନୁହେଁ, କଂଚା ମାଟି ପିଣ୍ଡୁଳା,
ଇଚ୍ଛା ଅନୁସାରେ ଭାଲୁକୁଣୀ,
ଦୂର୍ଗା, କାଳୀ, ଲକ୍ଷ୍ମୀ ମୂର୍ତ୍ତି ଗଢିବା ।
ଜୀବନ ନୁହେଁ ମୋବାଇଲରେ ଥିବା ନମ୍ବର ବା ମେସେଜ୍ ।
ଯାହା ଡିଲିଟ୍ ବା ସେଭ୍ କରିଦେବା ।
ଜୀବନ ନୁହେଁ, ଭୂତପୂର୍ବ ପ୍ରେମିକାର ଚିଠି,
ଯାହା ବିବାହିତ ସ୍ତ୍ରୀ କୁ ଲୁଚାଇ,
ଚିରି, ପାଣିରେ ପକାଇଦେବା ।
ଜୀବନ ନୁହେଁ, ଅନାମଧେୟ ଗାଁ ରେ ଥିବା ପୈତୃକ ଘରଡିହ,
ଯାହାକୁ ଭାଙ୍ଗି, ଗଢି ହେବ,ନଭଶ୍ଚୁମ୍ବୀ ପ୍ରାସାଦ ।
ଜୀବନ ନୁହେଁ ଡି.ଭି.ଡି ମେସିନ୍ ବା ଏଲ.ଇ.ଡି ଟିଭି ।
ଯେଉଁଥିରେ ସିଡି ବା ଚେନେଲ୍ ବଦଳାଇ
ଇଚ୍ଛାନୁରୂପ ଓଡିଶୀ, ଭଜନ, ସିନେମା,
ଧାରାବାହିକ ଦେଖି ପାରିବା ।
ଅତୀତରେ କରିଥିବା ଭୂଲ, ତ୍ରୁଟି କୁପୋଛି ଦେଇ,
ନୂଆକରି ଜୀବନର ବିଭିନ୍ନ ଚରିତ୍ରଙ୍କ ସହ,
ଅଭିଜ୍ଞତାସିଦ୍ଧ ଶୈଳୀରେ ଜୀବନ ଜୀଇଁ ହୁଅନ୍ତା ନି ?
ଘଣ୍ଟା ର କଣ୍ଟା, ବୟସକୁ ପଛକୁ ଫେରାଇ ହୁଅନ୍ତା ନି ?

ଯାହା ଏକ ସୁନ୍ଦର, ସୁଦୂର ସ୍ୱପ୍ନ ... ନାଁ ଅସମ୍ଭବ ।
ଜୀବନ ଏକ କାନଭାସ୍‌ରେ, ଇଚ୍ଛା-ଅନଚ୍ଛାରେ
ଅଙ୍କିତ ରେଖା/ଦାଗ,
ଯାହା କେବେ ଲିଭାଇ ହେବନି,
ତାକୁ ସହ୍ୟ କରିବାକୁ ପଡିବ ।
ଜୀବନ ଏକ ବାସ୍ତବ ନିଷ୍ଠୁରତା,
ଯାହା ଜିଇଁବା ବଡ କଷ୍ଟ, ଯନ୍ତ୍ରଣା ଦାୟକ ।
ଦୁଃଖ, ଶୋକ, ବିରହ ବିଚ୍ଛେଦ,
ଅହଂକାର, ଇର୍ଷା, ଅସହିଷ୍ଣୁତା,
ଏହାର ଚିର ସହଚର ।
ଯାହା ଅସହ୍ୟ, ଅନାବଶ୍ୟକ ।
ତଥାପି ଅଛି ଜୀବନରେ ହସ,
କରୁଣା, ଦରଦୀପଣିଆ
ଭଲପାଇବା, ସହାୟତା ଦେବା,
ପିଠି ଥାପୁଡେଇବା, ମୁଣ୍ଡରେ ହାତ ଥାପିବା ।
ଯାହା ମଣିଷ ପାଇଁସୀମିତ, ମରିଚୀକା ସଦୃଶ,
ଦୂର ଦିଗ୍‌ବଳୟର ବିଶାଳତା ସମୁଦ୍ରର ଗଭୀରତା
ମାପିବା ପ୍ରଚେଷ୍ଟା ପରି ଆକାଂକ୍ଷିତ ।
ନିଜେ କରିଥିବା ଦୋଷ ତ୍ରୁଟି, ଦେଇଥିବା କ୍ଷତ, ଦୁଃଖ
ପାଇଁ କରି ପାରିଲେ ଅନୁତାପ, ଦୋଷସ୍ୱୀକାର, ପ୍ରତିକାର,
ଅତୀତର ଦୁଃଖଦ ଘଟଣା କୁ ଭୁଲି,
କ୍ଷମାଦେଇ ଭଲପାଇ
ସ୍ନେହ ଆଦର କରି, କିଛି ପରୋପକାର କରି
ବଂଚିବା ପାଇଁ ପ୍ରଚେଷ୍ଟା, ବାସ୍ତବତାକୁ ଗ୍ରହଣକରି,
ଈଶ୍ୱରଙ୍କୁ ସର୍ମପିତହେବା,
ବୋଧହୁଏ ଜୀବନ ଜିଇଁବାର
ଏକମାତ୍ର ବିକଳ୍ପ ।

■■■

ନୈମିଷାରଣ୍ୟ," ଜି.ଏ. ୧୧୬, ନିଳାଦ୍ରୀବିହାର
ମୋ - ୯୪୩୭୧୨୮୧୭୯

# ଚିତ୍ରିତ ଛବି

ଡ. ପ୍ରବୀଣା ପରିଡ଼ା



ଅନ୍ଧାର ଭିତରେ ସାଉଁଟା ଜୀବନ
କୋହଭରା କଣ୍ଠେ
ପଖାଳ କଂସାରେ
ଅସୁମାରୀ ସ୍ୱପ୍ନ ର
ସମ୍ଭାବନାର କିରଣ ।
କଙ୍କାଳସାର ପିଲାର
ମୁଖେ ଦିଏ ତୋରାଣି ଧାର,
ମିଥ୍ୟା ପ୍ରତିଶ୍ରୁତି !
ଖାଲି ବାହାସ୍ଫୋଟ
ସ୍ୱର୍ଗକୁ ନିଶୁଣି ନାହିଁ
ବଚନ ସେତ ପାଣିର ଗାର।
ହାତୀ ଦେବୁ, ଘୋଡା ଦେବୁ ,
ସବୁ ଦେବୁ ଦେବୁ ଭିତରେ
ଓଟାରି ହୁଏ ଅଦେଖା ଡୋର ।
କଣ୍ଢେଇ  ନଚେଇ ନାଟ ଦେଖାଇ
ଭରିଯାଏ ପକେଟ, ପୂରିଯାଏ
ଅନେକ ଦିନର ଭୋକ ଶୋଷ ।
ସୂରୁଜ ର ଆଭାରେ ଲୁଚିଯାଏ
ସକାଳ କୁହୁଡ଼ିର କରୁଣ ଛାପ ।
ପରୀକ୍ଷା ଭିତରେ ଆଉଟୁ ପାଉଟୁ
ଜିତୁ ଜିତୁ ହାରିଯାଏ...
ହାର ଜିତ୍ ଭିତରେ ଟଣା ହୁଏ
ଶେଷ ଅଙ୍କର  ପରଦା ଡୋର...।

■■■



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର୍, ଭୁବନେଶ୍ୱର୍
ଫୋନ୍ ନଂ – ୮୮୯୫୫୪୭୭୬

# କୋଣାର୍କ

**କ୍ଷଣପ୍ରଭା ମହାନ୍ତି**



ଶିଳ୍ପୀର ନିହଣ ସ୍ୱର୍ଣେ ପ୍ରଦ୍ୟୋତମୟୀ
ଏକାଗ୍ରତା ରେ ହସୁଛି କଙ୍କାଳର କୋଣାର୍କ
ଆଲୋକର ଦୃଶ୍ୟମୟତାରେ ନଟ ନଟୀ
ସତେ ଅବା ଛନ୍ଦର ଦର୍ପଣରେ ଲାଗନ୍ତି ଜୀବନ୍ତ ।

କେତେ ରକତ ନିଗାଡି କରିଛ ହେ ପାଣି
କେତେ ସ୍ୱେଦେ ଝରାଇଛ ଶକ୍ତ ଶ୍ରମେ
ରାତିର ଅନ୍ଧକାରେ ପ୍ରିୟା ଅନିଷାରେ
ପାସୋରିଛ ସ୍ନେହ ପ୍ରୀତି ରାଜାର ହୁକୁମେ ?



ଯନ୍ତ୍ରଣା କୁ ବରି ନେଇ ଗଢିଛ ସୌନ୍ଦର୍ଯ୍ୟ ପୃଥିବୀ
ସ୍ମୃତିର ଭଉଁରୀରେ ଅଣ ନିଃଶ୍ୱାସୀ ପହଁରି
ରାଷ୍ଟ୍ରର ଚାବୁକ ଭୟେ ହରାଇଛ ନିଜସ୍ୱ ଅସ୍ତିତ୍ୱ
ହେ ବିଶୁ ମହାରଣାମାନେ କୁହ ସତେ
ପିଇଛ କେତେ ଲହଲହ କାଳକୂଟ ବିଷ?

ପାଷାଣର ଅଙ୍ଗରାଗ ନିଃସଙ୍ଗ ଚୈତନ୍ୟ
ଆଶ୍ଚର୍ଯ୍ୟ ର ମାନଚିତ୍ର ଶୋକର ଉତ୍ତରଣ
ଦୁଃଖର ଜରାୟୁ ରୁ ଜନ୍ମ ନେଇ କୋଣାର୍କ
ଗାଉଅଛ ଓଡିଶା ଶିଳ୍ପୀର ନିମଗ୍ନ ନହବତ ।

ନାଦ ଆଉ ନିନାଦରେ ଆଲୋକିତ ହୃଦୟେ
କଅଁଳ ସରାଗରେ କହୁଅଛ ସୃଷ୍ଟି ର ବାରତା
ସେହି ନିହଣର ଗୁଣଗାନ ପଞ୍ଚାମୃତ
ପାନ କରି ନୁଆଁଉଛି ତୋ ଠାରେ ମୋ ମଥା ।।

■■■

ମୋ. ନଂ. – ୯୪୩୮୩୮୩୧୭୧

# ଅଭୁଲା ମୁହୂର୍ତ୍ତ

ବୀରେଶ୍ୱର ମହାନ୍ତି



କ୍ଷଣଭଙ୍ଗୁର ଜୀବନ ତରଙ୍ଗର ଉତ୍ତର କାଳରେ
ସେଦିନର ତିଥିବାର ଆଜି ଠିକ୍ ନାହିଁ ମନେ
ଗୋଧୂଳି ଲଗନର ସେ ନିଆରା ମଧୁର ପରଶ
ଗାଁ ଦାଣ୍ଡେ ଧେନୁପଲଙ୍କର ଧୂଳି ଉଡ଼ା ପର୍ବ
ଶୁଭୁଥିଲା ଶୁଭ ଶଙ୍ଖନାଦ ପ୍ରତି ଘରେ ଘରେ
ଜମି ଆସୁଥିଲା ଭକତଙ୍କ ଭିଡ଼ ମନ୍ଦିର ପ୍ରାଙ୍ଗଣେ ।

ଦୂର ଦିଗ୍‌ବଳୟେ ଦୂରେ ପ୍ରତୀଚୀ ର ତୀରେ
ମନ ମତୁଆଲା ଅସ୍ତଗାମୀ ଭାନୁ ଚମକରେ
ରକ୍ତିମ ଛିଟାର ସେ ଅବର୍ଣ୍ଣନୀୟ ଶୋଭା
କି ସୁନ୍ଦର ଆହା ସ୍ୱର୍ଣ୍ଣମୟୀ ଅସ୍ତାଚଳ ଆଭା
ଧାଡ଼ିଧାଡ଼ି ବିହଗ ଫେରୁଥିଲେ ଆପଣାର ନୀଡ଼େ
କଅଁଳ ଜହ୍ନଟେ ଉଇଁ ଆସୁଥିଲା ମନ ଅକାଶରେ ।



ଆଜି ଏତେ ଦିନ ପରେ ଜୀବନ ଚକ୍ରରେ
ସେ ଅଭୁଲା ମୁହୂର୍ତ୍ତକୁ ମନ ଝୁରି ମରେ
ମଧୁର ସେ ସ୍ମୃତି କେବେ ପଡ଼ିନି ମଳିନ
ଜୀବନେ ବିସ୍ମୃତ ହେବା ନୁହଁଇ ସମ୍ଭବ ।
ଅତୀତ ମନସ୍କତାରେ ଚିତ୍ତ ବିମୋହିତ ।
ଅତି ଆପଣାର ସେ ଅଭୁଲା ମୁହର୍ତ୍ତ ।

ଆସ ଆସ ଆଉ ଥରେ ପଛକୁ ଫେରିବା
ସ୍ମୃତି ଦରିଆରୁ  ମୁଠେ ମିଠା ସ୍ମୃତି ସାଉଁଟିବା
ସାଗର ତରଙ୍ଗୁ ମାଳେ କଥା ଆଣି ଛାଣି
ଭିଜା ଭିଜା ମନ ନେଇ ହଜିଯିବା ପୁଣି
ଅଲିଭା ଅଧୁରା ମଧୁଭରା କିଛି ଅଭୁଲା ମୁହୂର୍ତ୍ତ
ଜୀବନ୍ତ ରହିଥିବ ମୋ ଦୀପଶିଖା ଲିଭିବା ପର୍ଯ୍ୟନ୍ତ ।

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ଧିରେ ଧିରେ ଚାଲ୍ ଗୋରୀ...

ପ୍ରମୋଦ କୁମାର ମହାପାତ୍ର



ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍
ଇଏ ଆମ ରାଜଧାନୀ  ତା'ର ହାଲ୍  ବେହାଲ୍

ନୂଆଁ ନୂଆଁ ତୁ ସହରେ ତୋତେ କିସ ଜଣା ରେ
ନିଛାଟିଆ ଦେଖି ଟାଣି ନେବେ ନାକ ଗୁଣା ରେ
ଗୋରା ଗୋରା ମୁହଁ ତୋର ହୋଇଯିବ ଲାଲ୍...
ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍

ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍
ଜାତି ଜାତି ବାଟିକା ରେ ଦେଖିବୁ କମାଲ
ଗଛ ମୂଳେ ଯୋଡି ଯୋଡି ରାଧା-କୃଷ୍ଣ ମୂରତି
ଦିନସାରା ଚାଲିଥାଏ ଅଲାଜୁକ ପିରତି
ଲାଜ, ଭୟ ନାହି ଖାଲି ଗ୍ରୀନ ସିଗ୍ନାଲ୍...
ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍



ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍
ଦେଖିଚାହିଁ ବୁଲିଯିବୁ ଥରେ ହସ୍ପିଟାଲ୍
ରୋଗୀ ଯେତେ ସାଲୁ ବାଲୁ ମିଳେ ନାହିଁ ବିଛଣା
ବଡ଼ ବଡିଆ ପାଇଁ ଆଗତୁରା ସଜଡ଼ା
ଟଙ୍କା  ଝାଂପି ନେବେ ଡାଉଟର୍, ଦଲାଲ୍...
ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍

ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍
ଚାଲିଅଛି ରାଜସଭା ଫୁଲ୍ ବୋବାଲ୍
ପାଖ ମାଡି ଯିବୁନାହି ରାସ୍ତା ତୋତେ ମନା ରେ
ସିକ୍ୟୁରିଟୀ ପୁରା ଟାଇଟ୍ ଖାକିଟୋପି ଅନା ରେ
ଲୋକ ଏଠି ଖଟେ ବେଠି ନେତା ମାଲାମାଲ୍..
ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍
ଧିରେ ଧିରେ ଚାଲ୍ ଗୋରୀ ଧୀରେ ଧୀରେ ଚାଲ୍ ।

■■■

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍, ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# ଇଚ୍ଛା ହୁଏ

ନିହାରିକା ରାୟ ବରାଳ





କେବେ କେବେ ଇଚ୍ଛା ହୁଏ
ପବନର ହାତଧରି ଆମେ ଚାଲନ୍ତେ
ଛାଡି ଆସିଥିବା ଅତୀତ ରାସ୍ତା ରେ
ପିଲା ଦିନକୁ ଫେରି ଯା'ନ୍ତେ ପୁଣି ଥରେ
ସେମିତି, ଯେମିତି ଆମ ସ୍କୁଲ ଯିବା
ବର୍ଷା ରେ ଓଦା ହେବା,
କୁଆପଥର ଗୋଟେଇ ଖାଇବା
ଖାତା ରୁ କାଗଜ ଚିରି ଡ଼ଙ୍ଗା ବନାଇବା
କାଗଜର ଡ଼ଙ୍ଗାକୁ
ବର୍ଷାରେ ଭିଜି ପାଣି ସୁଅରେ ଭସାଇବା
କେବେ କେବେ କାଗଜର
ଗୋଟେ ପଟେ କାଳିଦେଇ
ଅନ୍ୟପାଖ ଧଳା ରଖି
ଦିନରାତି ତିଆରି କରିବା
କେବେ ଗୁରୁସାର ଙ୍କ ଡରରେ
ଇଂଲିଶ କ୍ଲାସ ପୂର୍ବରୁ
ବନାନ ଘୋଷିବା
କେବେ ବାର୍ଷିକ ଖେଳ ଦିବସରେ
କମଳା ଓ ଚକୋଲେଟ ଖାଇ
ଖେଳରେ ମଜିବା

କେବେ କେବେ ଇଚ୍ଛା ହୁଏ
ଅତୀତ ସିଡ଼ିରେ ଉଜାଣି ଫେରିବା
କଲେଜ ଦିନର ସେଇ ପ୍ରାଚୀର ପତ୍ରିକାରେ
ଦୁହେଁ ଦୁହିଁଙ୍କ କବିତାରେ ବିମୋହିତ ହେବା
ସ୍କୁଲର ଗେଟ ଠାରୁ
କଲେଜ କ୍ୟାଣ୍ଟିନ ପର୍ଯ୍ୟନ୍ତ
ଲମ୍ବିଥିବା ସ୍ମୃତିର ରାସ୍ତାରେ
କେବେ ଦିନେ ଦେଖିଥିବା
ସ୍ୱପ୍ନ ମାନଙ୍କୁ
ଆସ ଆଜି ନିଜ ଭିତରେ
ଆଉଥରେ ପହଁରାଇ ନେବା
ଅସଫଳତାର କାହାଣୀକୁ
ନଈକୂଳ ପରିଚିତ ସିମେଣ୍ଟ ବେଞ୍ଚରେ ବସି
ମୌନତାର ପୋଷାକ ପିନ୍ଧାଇ
ଶବ୍ଦମାନଂକୁ ନିଜ ଭିତରେ ବାଣ୍ଟିବା

କେବେ କେବେ ଇଚ୍ଛା ହୁଏ
ବୈଇତରଣୀ ର ପବିତ୍ର ଜଳରେ
ଆତ୍ମା ଓ ଆତ୍ମଜ ଙ୍କ ପାଇଁ
ଶ୍ରଦ୍ଧାର ଫୁଲ ଆଉ ଭକ୍ତି ଦୀପ ନେଇ,
ତର୍ପଣ କରିବା
ଆସ ଆଜି ଆଉଥରେ ବୁଲିଯିବା ଗାନ୍ଧିଛକ,
ଗୋଖନା କି କୁସୁମା ରାସ୍ତାରେ
ଅତୀତକୁ ଅଣ୍ଡାଳିବା ସାତତାଳ ପାଣି ଆଉ
ଅସୁରୁଣୀ ଶେଷ କେଶଟିରେ
ତମେ ଯିବ ଫେରି ସେଠୁ
ବ୍ୟସ୍ତତମ ସୁଖ ସହରକୁ
ଲେଉଟି ଆସିବି ମୁଁ ଦୁଃଖର ବୋଝ ବୋହି
ଶୂନ୍ୟ ମୋ ନିଃଶ୍ୱ ଜୀବନକୁ ।

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ନୂଆଁ ବଛର୍

(କୋଶ୍‌ଲୀ କବିତା)

ପ୍ରଜ୍ଞା ଦର୍ଜୀ ମହାପାତ୍ର



ନୁଆଁ ବଛର ଆଏବା ବଲି
କେତେ ଉସତ୍ ଅନନ୍ଦ୍...
କେନ ଭୁଜିକର୍ମା
ମାନ୍ସ ଝୋଲ କି ମାନ୍ସପୁଡା
ଚିକେନ୍ ଝୋଲ ହେବାକି ପନିର
ବନିହା ଦିନୁ ଭାଜୁର୍ ଟୁପୁର
ଭୁଲି ଯାଏଁସୁ
ଆମର୍ ନୁଆଁ ବଛର
ବୈଷାଖ୍ ମାସର ପଣା ସଂକ୍ରାନ୍ତି
ଭୁଲିଯାଏସୁଁ ଆମେ ଓଡିଆ
ସବ୍ କର୍ନୁ ବଢିଆ
ଆମର୍ ନୁହେଁସେ ଇଂଲିସ ନୁଆଁ ବଛର୍
ଫିର୍ଭୀ ଇତାର୍ ଲାଗି ଆମେ ଗହଗହ ମହମହ
ଯେନ୍ ଦିନ ଆମେ
ଆମର୍ ନୁଆଁ ବଛର୍ ମନାମା
ଛାତି ପିଟିକରି କହେମା
ଆମେ ଓଡିଆ ସବୁ ନୁ ବଢିଆ ।।

■■■



ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ଼୍, ଟିଟିଲାଗଡ଼,
ମୋ : ୭୯୭୮୭୫୩୪୪୦



## ଭାବ୍

(କୋଶ୍ଲୀ କବିତା)

ଅଳକା ଦାଶ୍



ଲେତା ଛିଡି ଜାଏସି
କଥା ପଦ୍ କେ
ଭାବର୍ ଗୁସିଆଁ
ମନର୍ ଅଟ୍ କେ
ମନ୍ ନୁରୁଥିସି
ଉଖି ଉଡ୍-ଗନ୍
ଭାବର୍ ପର୍ଛନା
ଜୀବନ୍ ଦର୍ଶନ
ଭାବେ ଭାବେ ଗଲେ
ଜୀବନ୍ ଗଡି
ଲେତା କେତେ ସୁନ୍ଦର
ଫୁଲର କଡି ॥

■■■

ସୁଲ୍ ସୁଲିଆ, ବରଗଡ଼

**ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ**
**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ**

ଚିହ୍ନ

ଆଲାପ

ମାନବୀ

ଅଙ୍କୁର

# ଘଡ଼ିର୍ କଁଟା

ନୀରଜ ଦାଶ ଶର୍ମା



ଜୀବନ୍ ଟା ଗୁଟେ
କିନ୍ଦ୍ରି ବୁଲୁଥିବାର୍
ସମାନ୍ତର୍ ପୁର୍‌ଥି
ସୂରୁଜ୍ କେ ଟିହିଁକାବାର୍ ଲାଗି !

ନାଇଁ ତ' ସୂରୁଜ୍ ଘୁଚୁଛେ
ନାଇଁ ତ' ଜୀବନର୍ ଘଡ଼ିକଁଟା
ଫେର୍‌ବି ଉଦୁର୍‌ଛା ମନ୍‌ଟା
ଉଦୁର୍‌ଛା ହେସି !

କବିତା ପଦହୁଁ ଜୀବନ୍‌ର
ଘଡ଼ିକଁଟାର୍ ପରତେ
ନାପି ଯାଉଁ ନିଜ୍‌କେ
ଶୂନ୍‌ନୁ ମୂଲ୍ କରିଥିଲାଁ
ଶେଷ୍‌ଟା ଉଦୁର୍‌ଛା ହେସି !

ନର୍‌ଦି ନର୍‌ଦି
ଅଥା ହେଲା ଉତାରୁଁ
ଆଏଜ୍ ଭାଏଲ୍
ଫୁର୍‌ସତ୍ ହେଇଛେ
ମୂଲ୍ ନୁ ମୂଲ୍‌କେ ନାପ୍‌ବାର୍ ଲାଗିଁ
ଅଥା ହେଲିନ ମୁଇଁ ।।

■■■



ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

# ପାଷାଣର ପିପାସା

ମାନଗୋବିନ୍ଦ ବାରିକ





ବାରଶହ ଶିଳ୍ପୀ ନିହାଣ ନୈପୁଣ୍ୟ
କୋଣାର୍କ କଳା ଭାସ୍କର୍ଯ୍ୟ,
ଶିଳା-ଐଶ୍ୱର୍ଯ୍ୟର କୀର୍ତ୍ତି ସୌରଭରେ
ସ୍ଥାପତ୍ୟ ସ୍ଥିତି-ମାଧୁର୍ଯ୍ୟ।

କାଳର କବଳେ ବିକଳାଙ୍ଗ ଆଜି
ଶିଳ୍ପ ବୈଭବର ସ୍ମୃତି,
ଶିଳ୍ପୀ-ଚାତୁର୍ଯ୍ୟର କୃତିର ସ୍ମାରକୀ
ବିଲୁଣ୍ଠିତ ଭଗ୍ନମୂର୍ତ୍ତି।

ଶିଳା-ସୁନ୍ଦରୀର ଚାରୁ-ସୌଷ୍ଠବର
କ୍ଷତରୁ ରୁଧିର ଝରେ,
ବ୍ୟଥିତ-ପ୍ରାଣର ବିଦଗ୍ଧ-ବେଦନା
ବିଧୁରେ ବିଳାପ କରେ।

ଅନ୍ତର ତନ୍ତ୍ରୀର ଅତୃପ୍ତ-ଯନ୍ତ୍ରଣା
ନିସ୍ପନ୍ଦ-ନିଃଶ୍ୱାସ କୋହ,
ନିଃଶବ୍ଦ-ନିଶିର ନିସ୍ତବ୍ଧ-ପ୍ରହରେ
ବିହ୍ୱଳିତ କରେ ଦେହ।

ନୃତ୍ୟ ମଣ୍ଡପର ନର୍ତ୍ତକୀ ପାଦର
ନୂପୁର ନିକ୍ୱଣ ଛନ୍ଦ,
ସାଗର ଊର୍ମିରେ ପ୍ରତିଧ୍ୱନି ତୋଳେ
ଅନୁରାଗ ଅନୁବନ୍ଧ।

ପାଷାଣ-ନାୟିକା ଭଗ୍ନ-ହୃଦୟର
ନଗ୍ନ-ଯନ୍ତ୍ରଣାର ତାତି,
ଜାଗ୍ରତ କରୁଛି ନିମଗ୍ନ ପ୍ରାଣରେ
ଅତୀତ କୃତିର ସ୍ମୃତି।

କାଳ-ଅଭିଶାପେ ଶାପଗ୍ରସ୍ତ ଶିଳା
ପାଷାଣୀ ଅହଲ୍ୟା ପରି,
କାହା କରସ୍ପର୍ଶେ ଜୀବନ୍ୟାସ ନେବ
ପାଷାଣ-କଷଣ ଶିରି।

ଉନ୍ମୋଚିତ ହେବ ଉତ୍କୃଷ୍ଟ-ସୌନ୍ଦର୍ଯ୍ୟ
ମନ୍ତ୍ରମୁଗ୍ଧ- ସମ୍ମୋହନ,
ବ୍ୟଥିତ ପ୍ରାଣରେ ଉନ୍ମେଷିତ ହେବ
ସମ୍ଭାବନା-ସ୍ୱାଭିମାନ।

ଉତ୍କଳ-କଳାର ଉତ୍କର୍ଷ-ସ୍ୱାକ୍ଷର
ଅର୍କ-କୋଣାର୍କର ଶିଳା,
ମର୍ତ୍ତ୍ୟ-ଭୁବନର ସପ୍ତ-ବିସ୍ମୟର
ମୂକସାକ୍ଷୀ ସୂକ୍ଷ୍ମକଳା।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୭୭୩୫

# ଦିଗହରା ପଥିକ

ଡ. ପ୍ରିୟମ୍ବଦା ସାମଲ



ସାତସୁରେ ବନ୍ଧା ଏଇ ଜୀବନରେ
ଦିଗହରା ସେ ପଥିକ
କଣ୍ଟକିତ ପଥ କର ଆଲୋକିତ
ତୁମେ ତ ଦିବ୍ୟ ନାୟକ ।

ଦେବାର ପଣରେ ତୁମେ ଯେ ଧନୀକ
ନେବା ପଣେ ସିଏ ନିସ୍ବ
ତୁମେ ଭାବମୟ ଭାବର ସାଗର
ସେ ଅଟଇ ଝର ଶୁଷ୍କ ।

କର୍ମର ବୋଝରେ କ୍ଳାନ୍ତଶ୍ରାନ୍ତ କେବେ
ବନ୍ଧୁରିତ ପଥ ପ୍ରାନ୍ତ
ଅବାରିତ ଅବଷର୍ଣ୍ଣ ତା ମନକୁ
କରୁଥାଏ ଆଶା ସିକ୍ତ ।

ଝଡ଼ର ସାଗରେ ବୁଡିଯାଏ ଯେବେ
ନାଆ ତା ସଳଖ କର
ହେ ବିଶ୍ଵ ନାୟକ ଦିଗହରା ପଥେ
ପଥ ପ୍ରଦର୍ଶନ କର ।

ଅସୁମାରୀ ଆଶା କେତେ ଅଭିଳାଷା
ଅହରହ ଜାଗରିତ
ପୁଣ୍ୟ ପ୍ରାଣ ତେଜଦୀପ୍ତ ଜ୍ୟୋତି ସମ
ମନେ ଜଗାଅ ସତତ ।

ତୁମେ ଜ୍ୟୋତିମାନ ତା ଜୀବନ ପଥେ
ଆଖି ଥାଇ ଅନ୍ଧ ସେହି
ଦିଗହରା ପଥେ ନିର୍ଦ୍ଦେଶକ ତୁମେ
ତୁମେ ଜଗତର ସାଇଁ ।



■■■

ଭୁବନେଶ୍ୱର

# ତୁ ମୋର

ଡ. ରଶ୍ମି କର



ସକାଳୁ ସକାଳୁ      ଡାମରା କାଉଟା
ଚାଳେ କା କା କରେ
ଆସିବୁକି ସତେ    ଦେଖିବାକୁ ମତେ
କେମିତି ଅଛି ମୁଁ ଘରେ ।

ତୁ' ଯିବା ପରେ      ହାଣ୍ଡିଶାଳେ ଥରେ
ଥାପିନି ଏ ଯାଏ ପାଦ
ଖାଇବାର ନାହିଁ      କାନ୍ଦେ କଇଁକଇଁ
ସେବେଠୁ ହେଇଛି ଅନ୍ଧ ।



କାମକୁ ଯିବାକୁ      ମନ ନାହିଁ ମୋର
ଭାବୁଛି ତୋହରି କଥା
ପର ନାରି ଦେଖି      ଅନୁତାପ କରେ
ଇଏତ ଭଗ୍ୟର ଲେଖା ।

ରାଗ ଅଭିମାନେ      କହିଦେଲି ବୋଲି
କରିଛୁ ତୁ' ମନ ଦୁଃଖ
ପାଖେ ଥିଲାବେଳେ      ଜାଣି ପାରେ ନାହିଁ
ଥରେ ଆସି ମୋତେ ଦେଖ ।

ତୋବିନାମାନିନି      ଦୁଃଖେ ହିନିମାନି
ମୋ ମୁଖକୁ ଥରେ ଦେଖ
ଆସନ୍ତୁ ଯଦି ତୁ      ନିଜର କରନ୍ତି
କୋଳେଇ ନିଅନ୍ତି ସାଥେ ।

ପଛ କଥା ଭୁଲି   ଅସିବୁ ତୁ' ଚାଲି
ହୃଦୟ ଦରଜା ଡେଇଁ
ମୋ ଘର ଅଗଣା      ତୋ ପାଇଁ ମୁକୁଳା
ରାଣୀ ହୋଇ ରହିବଇଁ ।

■■■

ମୋ-୮୭୬୩୨୯୪୨୦୪

# କିଏ ଦେବ ତା'ର ମୂଲ

ଶ୍ରୀମତୀ ଅନୁସୂତା ସିଂ ଦେଓ





ମା' ତୁମେ ଅମୃତର ଧାରା
ମା' ତୁମେ ଦେବୀ
ମା' ତୁମେ ଦୁର୍ଗା
ମା' ତୁମ ପଣତ କାନିରେ
ବାନ୍ଧିଥାଅ କେତେ ଆଶୀର୍ବାଦର ଭଣ୍ଡାର
ମା' ତୁମେ ପାହାଡପରି
ଦୁଃଖକୁ ଛାତିରେ ଚିପିରଖି
ପାଇଛ ସନ୍ତାନକୁ ଗଢି ତୋଳିବାର ଶକ୍ତି
ତଥାପି ହସିଦିଅ ଅନେକ ଦୁଃଖରେ
ତୁମେ ବାଦଲ ସହିତ ଲଢ଼ି ।
ମା' ତୁମ ସ୍ନେହ ମମତା ତ୍ୟାଗ ତୁଳନାରେ
ଦୁନିଆଟା ଲାଗେ ଛୋଟ
ତୁମ କୋଳରେ ମୁଣ୍ଡ ରଖିଦେଲେ
ସବୁ ଦୁଃଖକଷ୍ଟ ଯାଏ ଧୋଇ
ତୁମ ପରଶ ପାଇଁ ମୁଁ ଚାହିଁ ବସିଥାଏ
ଝୁଣ୍ଟିବା ଆଗରୁ କଷ୍ଟ ବୁଝିଯାଏ
ସୃଷ୍ଟିର ସଂପର୍କ ଡୋରେ
ସେଇ ମୋର ଜୀବନ୍ତ ଦେବତା
ତା' ପାଦେ ମମତା ସେଇ ମୁହୁର୍ତରେ
ଭୁଲି ହୁଏ ନାହିଁ
ମା' ମା' ବୋଲି ଡାକିଥାଉ
ମା' ତୁମେ ଅପରିମେୟ,
ଅମିପ ତୁମପରଶ
ମା' ତୁମେ ଆଶୀର୍ବାଦର ଭଣ୍ଡାର
ମାଁ ତୁମେ ଭାବନାର ଶବ୍ଦଗୁଚ୍ଛ
ମା' ତୁମେ ବୃନ୍ଦାବତୀ ମୂଳେ
ସଞ୍ଜବତୀଟିଏ ଜାଳିଦିଅ
ସନ୍ତାନର ମଙ୍ଗଳ କାମନା କରି
ମା' ତୁମେ ପୂଜାରୀ
ସକାଳ ସଂଜରେ ଆସ ଦେବୀଟିଏ ହୋଇ
ସେବାକରୁ ନିତିଦିନ
ସୃଷ୍ଟିର ସମ୍ପର୍କ ଡୋରେ ବନ୍ଧନର ପଥେ
କିଏ ଦେବ ତାର ମୂଲ ।

ଅଧକ୍ଷା, ଓ୍ୱିଶ୍ , ଭୁବନେଶ୍ୱର

■■■

# ହଜିଲା ଅତୀତ

**କବିତା ନାୟକ**





ହଜିଲା ଅତୀତ ଫେରିବନି ଆଉ
ସ୍ମୃତିର ଅମରାବତୀ
ମେଘ ମହ୍ଲାରର ଦୁନ୍ଦୁଭି ବଜାଇ
ମଧୁ ବସନ୍ତର ରାତି ।
ଫେରିବନି ଆଉ ଶୁଭ୍ର ଯୋଜନା
ଅନ୍ଧାର ରାତିର ତାରା
ମଲ୍ଲୀ ମାଳତୀର ପେନ୍ଥା ଗଜରାରେ
ଅଳସୀ ସକାଳ ଖରା ।
ଫେରି ଆସିବ କି ଗୋଧୁଳି ଲଗନେ
ଚଉରାର ସଞ୍ଜବତୀ
ବାସ୍ନା ଭରାସେ ସବୁଜ ଗାଲିଚା
ପ୍ରୀତି ମଗ୍ନା ହସଖୁସି ।
ଚାତକର ଆଖି ଘୁରିବୁଲେ ଆଜି
ଖୋଜି ଅତୀତର ଛବି
ପିଆସୀ ମନରେ ଭଗ୍ନ ହୃଦେ ମୋ'
ପ୍ରଶ୍ନ କରେ ଭାବି ଭାବି ।।

■■■

**ଏମ୍. ଆଇ. ଜି. - ୨, ୭୭/୪**
**ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୬**
**ମୋ : ୭୭୩୫୯୧୬୧୧୧**

# ମୋଡ଼

ଜାହ୍ନବୀ ଚୌଧୁରୀ



ଯାଉ ଯାଉ ଗୋଟିଏ ମୋଡରେ ଛିଡାହୁଏ
ଆଖିକୁ ଟିକେ ବୁଲାଏ
ପାଦ ବି ଅଟକିଯାଏ
ଅସ୍ପଷ୍ଟ ବିଚାରରେ
ମୁଁ ଝୁଙ୍କିପଡେ ଆଉ କାହାର ନିଷ୍ପତ୍ତିରେ !!

ଦୁଆର ମେଲା ଓ ଝରକା ବି ଖୋଲା
ପରଦା ଆଢୁଆଳେ ଚାଲିଥାଏ ଅଜଣା ଝାମେଲା
ଚାଲୁ ଚାଲୁ ଝୁଣ୍ଟିଥାଏ, ପଡିଥାଏ ଅନେକ ଥର
ପାଦତଳେ ଭୂମି ସ୍ଥିର, ମନ ଅସ୍ଥିର
ସବୁଆଡ଼େ ଶୁଭେ କୋଳାହଳ
ରେଳଡବା ଭଳି ଉପଦେଶ ଲମ୍ବିଥାଏ
ଷ୍ଟେସନର ଗୋଟିଏ ମୁଣ୍ଡରୁ ଆର ମୁଣ୍ଡ ଯାଏ !!



ମୁଁ ଛିଡା ହୋଇଥାଏ ଗୋଟିଏ ମୋଡରେ
ଆଲୁଅ ମୁହାଁ ହୋଇ
ପଥର ତଳୁ ଭାବନା ଗଜୁରି ଆସେ
ଆଗକୁ ଯିବାର ମୁହୂର୍ତ୍ତରେ
କିଏ ଜଣେ ମୋତେ ଜୋର୍ କରି ପଛକୁ ଟାଣିଦିଏ
ସବୁକିଛି ଶକ୍ତି ଖଟାଇ ଆଗକୁ ପାଦ ବଢାଏ !!

ଏବେ ମୁଁ ଅଛି ଆଉ ଗୋଟିଏ ମୋଡରେ
ଅନ୍ୟ ଏକ ଛକରେ
ଗୋଟିଏ ବକ୍ରରେଖା ଚିତ୍ର ପାଖରେ !!

ମୋତେ ଏବେ ଦୂରରୁ ସଭିଏଁ ଦେଖୁଥିଲେ
କିନ୍ତୁ କେହି ଛୁଇଁ ପାରୁ ନ ଥିଲେ,
କାରଣ ମୁଁ ଥିଲି ମୋ ଠୁ ଅଚିହ୍ନା
ଜୀବନର ଗତିପଥର ନୂଆ ଏକ ମୋଡରେ....!!

■■■

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

# ଜୀବନ ଯୁଦ୍ଧରେ ମୁଁ ଅର୍ଜ୍ଜୁନ

ରୀତା ଅପରାଜିତା ମହାନ୍ତି





ଏଇଟା ସତ୍ୟ ନୁହେଁ
ନୁହେଁ ଦ୍ୱାପର ତଥାପି
ମଣିଷ କୁ ବାରମ୍ବାର ରଣ
କରିବାକୁ ହୁଏ ।
କେବେ ନିଜ ହକ ପାଇଁ
କେବେ ସମାଜ ପାଇଁ
ନିରବ ରେ ବିନା ପ୍ରତିବାଦ ରେ
ସବୁକିଛି ସହିବି ନାହିଁ
ଦୁର୍ଯ୍ୟୋଧନ ର ମାନ
ଅପମାନ ପ୍ରତିଶୋଧ
ନେବା ପାଇଁ ମୁଁ
ଏ ଧର୍ମ ଅଧର୍ମ ଯୁଦ୍ଧ ରେ
ଅର୍ଜୁନ ସାଜିଛି ।
ତୁମେ ଅନ୍ତର ବିରାଜି
ସାଜିଛ ହୃଦୟ ରଥରେ
ସାରଥୀ ...।
ତୁମ ହାତ ମୋ ସହ ଥିବାଯାଏଁ
ମୁଁ କିଛି ଝଡ଼କୁ ଡ଼ରିବି ନାହିଁ।
ଲୋଭ ମୋହର କାରାକୁ
କାଟିବି ତୁମ ଦେଖାଇଥିବା
ପଥରେ ଚାଲିବି...।
ଆସୁପଛେ ଯେତେ ଝଡ଼
ଜୀବନ ଯୁଦ୍ଧ ରେ
ମୁଁ ଅର୍ଜୁନ ସାଜିବି...।

ଧନୁ ତୀର ନାହିଁ
ତରବାରୀ ,ନାହିଁ ଗୁଳି କି କମାଣ
ସତ୍ୟ -ନ୍ୟାୟ
ଅହିଂସା ହେବ ମୋ ଅସ୍ତ୍ର।
ଯିଏ ପଛରେ ତୁମ ଠିଆ ହୋଇଥିବ
ସେ ଭଲ ଡରିବ
କାହାକୁ କାହିଁକି ....?
ହାରିବା ଆଗରୁ ହାରିବି ନାହିଁ।
ମରିବା ଆଗରୁ ମରି ମରି
ବଞ୍ଚିବି ନାହିଁ ।
ନିଜ ପାଇଁ ସାଧାରଣ ନିରୀହ
ମଣିଷ ପାଇଁ
ଆଜିର ଧର୍ମ ଯୁଦ୍ଧ ରେ
ମୁଁ ଅର୍ଜୁନ ସାଜିଛି।

■■■

ଭୁବନେଶ୍ୱର -୨୧



# ମୋ ମାଆ

**ପ୍ରଭାତୀ କୁମାରୀ ମିଶ୍ର**



ଯା' ଲାଗି ଆଜି ଜନମ ନେଲି
ଏ ଧରାରେ ମୁହିଁ,
ଆସିଲେ ଆସୁ ଯେତେ ବି ବାଧା
ତାକୁ ଭୁଲି ବି ନାହିଁ ।
ଗରଭେ ତାର ରଖିଲା ମୋତେ
ଦଶ ଦିବସ ଦଶ ମାସ,
ସହିଲା କେତେ ଗୋଇଠା ମାଡ
ମନେ ନ କରି ରୋଷ ।
ଜନମ ପରେ  ଦେଖିଲା ଯେବେ
ମୋର କଅଁଳ ମୁଖ,
ନାହିଁ ନଥିବା ସୁଖ ପାଇଲା
ଭୁଲିଣ ସବୁ ଦୁଃଖ ।
ଭୁଲି ଲା ସିଏ ଅତୀତ କଷ୍ଟ
ଚିନ୍ତି ମୋ ଭବିଷ୍ୟତ,
କେମିତି ବଡ ହୋଇବି ମୁହିଁ
ଭାବିଲା ଅବିରତ ।
ଟିକିଏ କଷ୍ଟ ପାଇଲେ ମୁହିଁ
ଆଖିରେ ତାର ଲୁହ,
ଦିଅଁ ଦେବତା ପୂଜଇ କେତେ
ତା ମନେ ଉଠେ କୋହ ।
ବିଦ୍ୟାଳୟକୁ ଯିବା ଆଗରୁ
ହେଲା ସେ ମୋର ଗୁରୁ,
ପାଞ୍ଚିଲା କେତେ ସଂଚିଲା କେତେ
ବଡ ହେବା ଆଗରୁ ।
ଧୀରେ ଧୀରେ ମୁଁ ହୋଇଲି ବଡ
ତାର ଆଶିଷ ପାଇ,
ବୁଦ୍ଧି ବଢିଲା ଜ୍ଞାନ ବଢିଲା
ତା ପାଶେ ରହି ରହି ।

ଯେତେକ ଅଳି ଅର୍ଦ୍ଦଳୀ ମୋର
ସହିଲା ମୁଣ୍ଡ ପାତି,
ମନାସୀ ମୋର ଶୁଭ କାମନା
ଦିଅଁଙ୍କୁ ପୂଜେ ନିତି ।
ଯେତେ ଦୁଷ୍ଟାମୀ କରିଲେ ମୁହିଁ
ବୁଝାଏ ପରା ମୋତେ,
ଶିଖାଏ କେତେ ନୀତି ଆଦର୍ଶ
ତାହାକୁ ଜଣା ଯେତେ ।
ତା ରକ୍ତ ବିନ୍ଦୁ ମୋ ଦେହେ ବହେ
ମୁଁ ତାର ପ୍ରାଣ ଧନ,
ଯେତେ କଷଣ ଦେଲେ ମୁଁ ତାକୁ
ନ କରେ ଅଭିମାନ ।
ଯେତେ ଦୂରରେ ରହିଲେ ମୁହିଁ
ମମତା ଡୋରେ ବାନ୍ଧେ
ମୋତେ ନ ଦେଖି ମାଆ ଟି ମୋର
ଲୁଚାଇ କେତେ କାନ୍ଦେ ।
ନିଜେ ନଖାଇ ଖୁଆଏ ମୋତେ
ପେଟ ପୁରିବା ଯାଏ,
ଶେଯ ମସିଣା ବିଛାଇ ମୋତେ
ଆଉଁସି ଶୋଇଦିଏ ।
ତାର ଶରଧା ଭଲ ପାଇବା
ପାରିବି ନାହିଁ ମାପି,
ଭୁଲି ଗଲେ ତା ସ୍ନେହ ମମତା
ହୋଇବି ମହାପାପି ।
କଲି ଶପଥ ପ୍ରଭୁ ଙ୍କ ଆଗେ
ରଖିବି ତାର ନାଆଁ,
ସତ କହୁଛି ହେଲେ ମୁଁ ବଡ
ହୋଇ ବି ତାର ସାହା ।।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ,
ପ୍ରଶାନ୍ତି ବିହାର,  ଭୁବନେଶ୍ୱର
ଫୋନ୍:୮୯୧୭୫୩୮୫୬୧

# ସ୍ୱପ୍ନ ହେ ତୁମେ

ଅନସୂୟା ବାରିକ





ସ୍ୱପ୍ନ ହେ ତୁମ ଘନ ବନାନୀ ର
ରଂଜିତ ରଙ୍ଗ ନେଇ
ରଙ୍ଗେଇବି ମୋର ମନ ବନ୍ଦୀଶାଳା
ତୂଳୀର ପରସ ଦେଇ ।।

କେବେ ଯଦିଥରେ ମୋ ନୟନ ଧାରେ
ସଜାଇବ ସ୍ୱପ୍ନ ପୁରୀ
ଗଢିବି ସେ ପୁରେ ତାଜ ମହଲ ମୁଁ
ସାଜି ତହିଁ ଲାଲପରୀ ।।

ଅନାମିକା ତୁମ ଉପନ୍ୟାସ ର ମୁଁ
ରଙ୍ଗୀନ ସାଧବ ବଧୂ
ମତ୍ତ ଅଳି ପ୍ରାୟ ଖୋଜତୁମେ ମୋତେ
ତୁମେ ମୋ ଜୀବନ ବନ୍ଧୁ ।।


ବସନ୍ତ ର ତାନେ କୋକିଳ ର ଗାନେ
ସ୍ମୃତି ର ପତ୍ର ଝରା
ବିରହୀ ଚକୋରୀ ମୁଁଯେ ତୁମପାଇଁ
ଦିବସ ରାତ୍ରି ସାରା ।।

ମଧୁପ ର ଗୁଞ୍ଜେ ଶୀତଳିଆ ସଞ୍ଜେ
ଗୁଣୁ ଗୁଣୁ ତାନେ ଆସ
ଗୁଞ୍ଜରୀ ଉଠୁ ସତ ନୀରବତା
ଲଭିସେ ରକ୍ତିମ ହସ ।।

ସବୁଜ ସ୍ୱପ୍ନ ରେ ଭରିଦିଅ ବାସ୍ନା
ଜୀବନର ଉପବନେ
ଫୁଟିଉଠୁ ଶତ ଆଶାର ଶେଫାଳି
ମୋ ମାନସ କୁଞ୍ଜବନେ ।।

ହୃଦୟେ ସାଇତା ଯେତେ ଯେତେ ବ୍ୟଥା
ତୁମଠାରେ ଯାଉ ସରି
ଝରିଆସୁ ସେହି ପ୍ରୀତିର ଝରଣା
ଅଜଣା ଅତିଥି ପରୀ ।।

ହଜିଯାଏ ମୁହିଁ ମଜ୍ଜି ଯାଏ ମୁହିଁ
ସ୍ୱପ୍ନ ର ବାଲି ଘରେ
ଇପ୍ସିତ ଆଶା ରୁପାୟିତ ହେଉ
ନୀଳ ସାଗର ର ତୀରେ ।।



■■■

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# “ଇ ପତ୍ରିକା” ର ଡିସେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୧୨.୨୦୨୨ (ରବିବାର)


















# "ଇ ପତ୍ରିକା" ର ଡିସେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୧୨.୨୦୨୨ (ରବିବାର)


















# "ଇ ପତ୍ରିକା" ର ଡିସେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୧୨.୨୦୨୨ (ରବିବାର)




















# Wish you all a happy and Prosperous NEW YEAR - 2023



# ଇ ପତ୍ରିକା

ସପ୍ତମ ସଂଖ୍ୟା, ୧ ଜାନୁଆରୀ ୨୦୨୩

link : https://epatrika.cspursahityasansad.com

NEWTRA CREATIONS

Horizon of Creativity


Publisher :
Newtra Creations,Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

**Mob : 9438621925 / 9937128547**

Email : epatrika.cspursahityasansad@gmail.com Website: www.cspursahityasansad.com